ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.108 Bhubaneswar Wednesday June 08 2022    ୨୫ତମ ବର୍ଷ  ସଂଖ୍ୟା-୧୦୮ ଭୁବନେଶ୍ୱର, ବୁଧବାର, ଜୁନ ୦୮, ୨୦୨୨  (୮ ପୃଷ୍ଠା)  ମୂଲ୍ୟ-୧.୫୦  ₹ 1.50  (Air Surcharge - 0.50P)  Member-INS


# ମିଶନ୍ -୨୦୨୪: ଅରୁଣ-ସଞ୍ଜୟ ଓ ଦେବୀଙ୍କୁ ପୁଣି ବାଜି ଲଗାଇବ ବିଜେଡି





ଭୁବନେଶ୍ୱର,୭ ।୬(ପି.ଏନ) : ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ନିଜର ସଂଗଠନକୁ ସୁଦୃଢ଼ କରିବା ସହ କ୍ରମାଗତ ଷଷ୍ଠଥର ନିମନ୍ତେ କ୍ଷମତାକୁ ଆସିବାକୁ ଏବେଠୁ ରଣନୀତି ପ୍ରସ୍ତୁତ କରିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ସରିବା ପରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ଓଡିଶାରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିବାର ଆଶଙ୍କା କରି ବିଜେଡି ନିଜର କିଛି ଅଭିଜ୍ଞ ଓ ଗ୍ରହଣୀୟ ଚେହେରାଙ୍କୁ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରିବାକୁ ଯାଉଛି ।ବିଜେଡି ନିଜର ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ଓଡିଶାକୁ ୪ଟି ଜୋନରେ ବିଭକ୍ତ କରି ଜିଲ୍ଲାସ୍ତରରେ ଦଳୀୟ ନେତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଓ ଗୋଷ୍ଠୀବିବାଦର ସମାଧାନ ପାଇଁ ଅଭିଜ୍ଞ ନେତା ସଞ୍ଜୟ ଦାସବର୍ମା , ଅରୁଣ ସାହୁ , ପ୍ରସନ୍ନ ଆଚାର୍ଯ୍ୟ ଓ ଦେବୀପ୍ରସାଦ ମିଶ୍ରଙ୍କ ଭଳି ନେତାଙ୍କୁ ଆଗକୁ ଆଣିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ଓଡିଶାକୁ ୪ଟି ଜୋନରେ ବିଭକ୍ତ କରି ଏବେ ଦଳରେ ପୁରୁଣା ପୀଢ଼ୀ ଓ ନୂଆ ପିଢ଼ିର ନେତାଙ୍କ ମଧ୍ୟରେ ଚାଲିଥିବା ପତିଆରା ଦେଖାଇବାର ପ୍ରତିଯୋଗିତା ଉପରେ ଅଙ୍କୁଶ ଲଗାଇବାକୁ ମଧ୍ୟ ଯୋଜନା କରିଥିବା ଜଣାପଡିଛି ।ସୂଚନା ଅନୁସାରେ, ୨୦୧୭ ପଂଚାୟତ ନିର୍ବାଚନ ପରେ ସଞ୍ଜୟ, ଅରୁଣ, ଅତନୁ, ଦେବୀ ମିଶ୍ର ଓ ପ୍ରଣବ ପ୍ରକାଶ ଦାସଙ୍କ ଭଳି ନେତାଙ୍କୁ ଆଗକୁ ଆଣି ବିଜେଡି ୨୦୧୯ ସାଧାରଣ ନିର୍ବାଚନ ଜିତିବା ପାଇଁ ନିଜର ମାର୍ଗ ପ୍ରଶସ୍ତ କରିଥିଲା । ଆଉ ଦଳର ଏହି ରଣନୀତି ମଧ୍ୟ ୨୦୧୯ ନିର୍ବାଚନରେ ଫଳପ୍ରଦ ହୋଇଥିଲା । ଏବେ ସମାନ ଢଙ୍ଗରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ବିଜେଡି ରଣନୀତି ପ୍ରସ୍ତୁତ କରିଛି ।୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡିର କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ବ୍ୟକ୍ତିକେନ୍ଦ୍ରିକ ହୋଇଯାଇଛି ତଥା ଦଳ ନିଜର ନେତାମାନଙ୍କ ଆପତ୍ତି-ଅଭିଯୋଗ ଶୁଣି ତା'ର ସମାଧାନ କରିବା ପରିବର୍ତ୍ତେ ? ବିରୋଧୀ ଦଳକୁ ମ୍ୟାନେଜ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି । ବିଭିନ୍ନ ପ୍ରସଙ୍ଗରେ ଉପରେ ପଡି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ ସମର୍ଥନ ଦେଇ ବିଜେଡି ନେତୃତ୍ୱ ରାଜ୍ୟରେ ବିଜେପି ସଂଗଠନ ଉପରେ ମାନସିକସ୍ତରରେ ଚାପ ପକାଇବାରେ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିବାରେ ସକ୍ଷମ ହୋଇଛି ।ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ତୃଣମୂଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଦଳୀୟ ନେତାମାନଙ୍କ ଭିତରେ ବ ?ୁଥିବା ଅସନ୍ତୋଷକୁ ପ୍ରଶମିତ କରିବାକୁ ବିଜେଡି ନେତୃତ୍ୱ ଗତ ୨-୩ବର୍ଷ ମଧ୍ୟରେ ସାମାନ୍ୟତମ ଉଦ୍ୟମ କରିନଥିବାରୁ ଦଳର ୭୦ରୁ ୮୦ ଭାଗ ନେତା ନିଜର ଅସନ୍ତୋଷକୁ ଚାପି ରଖି ଆତ୍ମସମ୍ମାନ ପାଇଁ ଚୁପ୍ ରହିଛନ୍ତି । ବିଜେଡିର ମନ୍ତ୍ରୀ, ବିଧାୟକଙ୍କଠୁ ଆରମ୍ଭ କରି ବରିଷ୍ଠ ନେତାମାନେ ଏବେ ଗତ ୩ବର୍ଷ ଧରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ପରାମର୍ଶଦାତାଙ୍କୁ ନିଜ ଇଚ୍ଛାରେ ଭେଟିବାର ସୁଯୋଗ ପାଉନଥିବାବେଳେ ସଂଗଠନକୁ ନେଇ ଆପତ୍ତି-ଅଭିଯୋଗ ଶୁଣାଇବାର ବାଟ ସେମାନଙ୍କ ପାଇଁ ବନ୍ଦ ହୋଇଯାଇଛି । ଯଦିଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପରେ ଦଳୀୟ ନେତାମାନଙ୍କ ଆପତ୍ତି-ଅଭିଯୋଗ ଶୁଣିବାର ଦାୟିତ୍ୱ ନ୍ୟସ୍ତ ହୋଇଛି, କିନ୍ତୁ ସେ ନିଜର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ତୋଷାମଦକାରୀଙ୍କୁ ଧରି ସଂଗଠନକୁ ପରିଚାଳନା କରୁଥିବାରୁ ତାହା ଦଳର ସବୁ ବର୍ଗର ନେତାମାନଙ୍କ ପାଇଁ ଗ୍ରହଣୀୟ ହୋଇପାରୁନି ।ଦଳର ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତାଙ୍କ ପାଖରେ ଦଳୀୟ ନେତାମାନେ ପହଂଚିବାର ସୁଯୋଗ ନଥିବାରୁ ସଂଗଠନ ସମ୍ପାଦକ ଶ୍ରୀ ଦାସ ଯାହା ବୁଝାଉଛନ୍ତି ତା'ଉପରେ ଭରସା କରି ବିଜେଡି ନେତୃତ୍ୱ ସଂଗଠନକୁ ପରିଚାଳନା କରୁଛନ୍ତି । ତେବେ ଦଳରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ତୋଷମଦକାରୀଙ୍କୁ ଗୁରୁତ୍ୱ ମିଳୁଥିବାବେଳେ ସଂଗଠନ ସହ ମୂଳରୁ ଜଡିତ ଥିବା ନେତାମାନେ ନିଜକୁ କଣଠେସା ମନେକରି ଅସନ୍ତୋଷକୁ ଚାପି ରଖିବାକୁ ବାଧ ହେଉଛନ୍ତି । ମୁହଁ ଖୋଲିଲେ କାର୍ଯ୍ୟାନୁଷ୍ଠାନର ଭୟ ଥିବାରୁ ଦଳୀୟ ନେତାମାନେ ନିରବ ରହିବାକୁ ବାଧ ହେଉଛନ୍ତି । ଦୀର୍ଘ ୨ଦଶନ୍ଧି ଧରି ବିଜେଡି ରାଜନୀତିରେ ଅରୁଣ, ସଞ୍ଜୟ, ଦେବୀ ଓ ପ୍ରସନ୍ନଙ୍କ ଭଳି ନେତା ରାଜ୍ୟର ବିଭିନ୍ନ ଭାଗରେ ଥିବା ସବୁବର୍ଗର ନେତାମାନଙ୍କ ନିକଟରେ ପହଂଚି ସେମାନଙ୍କର ଆପତ୍ତି ଅଭିଯୋଗ ଶୁଣି ତା'ର ସମାଧାନ କରିପାରୁଥିବାବେଳେ ୨୦୧୯ ନିର୍ବାଚନ ପରଠୁ ଏହି ବାଟ ବନ୍ଦ ହୋଇଯାଇଛି ।ଦଳ ଭିତରେ ବ ?ୁଥିବା ଏଭଳି ଅସନ୍ତୋଷ ଆଗାମୀ ଦିନରେ ବିସ୍ଫୋରକ ରୂପ ନେବାର ଆଶଙ୍କା କରାଯାଉଥିବା ନେଇ ଗୁଇନ୍ଦା ରିପୋର୍ଟ ଓ ନିଜର ଥିଙ୍କଟ୍ୟାଙ୍କ୍ ଗୋଷ୍ଠୀର ପରାମର୍ଶରେ ଏବେ କିଛି ନେତାଙ୍କୁ ମ୍ୟାନେଜ କରିବାକୁ ବିଜେଡି ନେତୃତ୍ୱ ଆଗେଇ ଆସିଛନ୍ତି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପରେ ଓଡିଶାରେ ବିଜେପି ନିଜର ରଣନୀତିକୁ ଆକ୍ରମଣାତ୍ମକ କରିବାର ଆଶଙ୍କା ଥିବାରୁ ବିଜେଡି ତା'ର ମୁକାବିଲା ପାଇଁ ଅରୁଣ,ସଞ୍ଜୟ,ଦେବୀ ଓ ପ୍ରସନ୍ନଙ୍କ ଭଳି ନେତାଙ୍କ ମାଧ୍ୟମରେ ଦଳର ସବୁ ଗୋଷ୍ଠୀକୁ ମ୍ୟାନେଜ କରିବାକୁ ନିଷ୍ପତ୍ତି ନେଇଛି । ଅବଶ୍ୟ ସଂଗଠନସ୍ତରରେ ହେବାକୁ ଥିବା ପରିବର୍ତ୍ତନରେ ପ୍ରଣବଙ୍କ ଭୂମିକା ରହିବ । ବିଜେଡି ପରାମର୍ଶଦାତାଙ୍କ ଖାସ୍ ଭାବେ ସେ ବି ଏଥିରେ ତାଙ୍କର ଅନୁଗତ ଥିବା ସୁଶାନ୍ତ ସିଂ, ଦିବ୍ୟଶଙ୍କର ମିଶ୍ର ଓ ପ୍ରତାପ ଜେନାଙ୍କ ଭଳି ନେତାଙ୍କୁ ସାମିଲ କରିବାକୁ ଚାପ ପକାଇ ପାରନ୍ତି । ଆଉ ଯଦି ସେଭଳି ହୁଏ ତା'ହେଲେ ବିଜେଡିରେ ପୁରୁଣା ଓ ନୂଆ ନେତାଙ୍କୁ ନେଇ ଚାଲିଥିବା ପ୍ରତିଯୋଗିତାରେ ଅନ୍ତ ହେବା ପରିବର୍ତ୍ତ ଆଗକୁ ଆହୁରି ତୀବ୍ର ହେବାର ଆଶଙ୍କା ଅଛି ।ବିଜେଡି ସୂତ୍ର ଅନୁସାରେ, ଖୁବଶୀଘ୍ର ଦଳ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ସଞ୍ଜୟ, ଅରୁଣ, ଦେବୀ, ପ୍ରସନ୍ନ ଆଦି ନେତାଙ୍କୁ ୪-୫ଟି ଜୋନ୍ ଗଠନ କରି ଜୋନୱାରି ଦାୟିତ୍ୱ ବଂଟନ କରିବ । ପ୍ରଣବପ୍ରକାଶ ଦାସ, ସୁଶାନ୍ତ ସିଂ ଭଳି ନେତାଙ୍କୁ ବି ଏହି କମିଟିରେ ଦାୟିତ୍ୱ ମିଳିବ । ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କ ସହ ସମନ୍ୱୟ ରକ୍ଷା କରି ତୃଣମୂଳସ୍ତରରେ ଦଳୀୟ ନେତାମାନଙ୍କୁ ସଂଗଠନ ସହ ବାନ୍ଧି ରଖିବା ଦିଗରେ ଏହି ଜୋନ୍ ମୁଖ୍ୟମାନେ କାର୍ଯ୍ୟ କରିବେ ବୋଲି ଜଣାପଡିଛି । ଅବଶ୍ୟ ଦଳର ଏହି ଜୋନ୍ କମିଟିର ବାସ୍ତବ ରୂପରେଖ ନେଇ ବିସ୍ତୃତ ତଥ୍ୟ ମିଳିନି । ମାତ୍ର କିଛି ପୁରୁଣା ନେତାଙ୍କୁ ସଂଗଠନ କାର୍ଯ୍ୟରେ ଆଗକୁ ଆଣି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଆଡୁ ଆସିଥିବା ସୁନାମିର ମୁକାବିଲା ନିମନ୍ତେ ବିଜେଡି ପ୍ରସ୍ତୁତି ଚଳାଇଥିବା ଜଣାପଡିଛି ।

## ବାରବାଟୀ ଷ୍ଟାଡିୟମ ମ୍ୟାଚ୍ ଆୟୋଜନ ସମ୍ପର୍କିତ ମାମଲାକୁ ଖାରଜ କଲେ ଉଚ୍ଚ ନ୍ୟାୟାଳୟ

କଟକ, ୭ ।୬(ପି.ଏନ): ଆସନ୍ତା ୧୨ ତାରିଖ ଦିନ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା କ୍ରିକେଟ ମ୍ୟାଚକୁ ନେଇ ଦ୍ୱନ୍ଦ ଦୂର ହୋଇଛି । ବାରବାଟୀ ଷ୍ଟାଡିୟମରେ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ବନ୍ଦ କରିବାକୁ ହାଇକୋର୍ଟରେ ଯେଉଁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା, ତାକୁ ଓଡ଼ିଶା ଉଚ୍ଚ ନ୍ୟାକୟାଳୟ ଖାରଜ କରିଛନ୍ତି । ବାରବାଟୀ ଷ୍ଟାଡିୟମର ଅଗ୍ନି ନିରାପତା ପ୍ରମାଣପତ୍ର ଓ ନିର୍ମାଣଗତ ନିରାପତା ପ୍ରମାଣପତ୍ର ନ ଥିବା ଉଲ୍ଲେଖ କରି ଦର୍ଶକଙ୍କ ସୁରକ୍ଷା ପାଇଁ ଆସନ୍ତା ୧୨ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଆନ୍ତର୍ଜାତିକ ମ୍ୟାଚରେ ଦର୍ଶକଙ୍କୁ ଗ୍ୟାଲେରିକୁ ଅନୁମତି ନଦେବାକୁ ହାଇକୋର୍ଟରେ ଜନ ସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଏହି ଦୁଇ ପ୍ରମାଣପତ୍ର ନମିଳିବା ପର୍ଯ୍ୟନ୍ତ ବାରବାଟୀରେ କେ ?ଣସି ଆନ୍ତର୍ଜାତିକ ମ୍ୟାଚ ନକରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ଓଡ଼ିଶା ଅଲିମ୍ପିକ ସଂଘକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ ।ତେବେ କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି ଓ , ଆସନ୍ତା ୧୨ ତାରିଖରେ ବାରବାଟୀରେ ହେବାକୁ ଯାଉଥିବା ଟ୍ୱେଣ୍ଟି-୨୦ ମ୍ୟାଚ ପାଇଁ ରାଜ୍ୟ ସରକାର ପୂର୍ଣ୍ଣ କ୍ଷମତାରେ ଦର୍ଶକଙ୍କୁ ଖେଳ ଉପଭୋଗ କରିବାକୁ ଅନୁମତି ପ୍ରଦାନ କରିଛନ୍ତି ।

## ଲକ୍ଷାଧିକ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବେ ମହାପ୍ରଭୁ

ପୁରୀ,୭ ।୬(ପି.ଏନ): ଜୁନ୍ ୧୪ରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି ୧୦୮ ଅଧିବାସ ଜଳରେ ସ୍ନାନ କରିବେ । ହାତୀ ବେଶରେ ଦର୍ଶନ ଦେବେ ମହାପ୍ରଭୁ । ଚଳିତବର୍ଷ ଭକ୍ତ ଯୁକ୍ତ ହାତୀବେଶ ଦର୍ଶନ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଠାରେ ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ସ୍ନାନବେଦି ଉପରେ ଭକ୍ତମାନେ ୩ ଘଂଟା ପାଇଁ ଦର୍ଶନ କରିବା ସୁଯୋଗ ପାଇବେ । କୌଣସି ଭକ୍ତ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ କରିପାରିବେ ନାହିଁ । ରାଜାଭିଷେକ ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଂଟ ବ୍ୟବସ୍ଥାବଳୀକୁ ପରିଚାଳନା କମିଟି ଅନୁମୋଦନ କରିଛି । ବୈଠକରେ ଦେବସ୍ନାନ ପୂର୍ଣ୍ଣିମା ,ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଯାତ୍ରାକୁ ସମୟାନୁସାରେ ଓ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଆଲୋଚନା ହୋଇଥିଲା । ସ୍ନାନପୂର୍ଣ୍ଣମୀ ଦିନ ମଙ୍ଗଳାଅର୍ପଣ, ଡ଼ୋରଲାଗି ଓ ପୁଷ୍ପାଞ୍ଜଳି ପରେ ପହଣ୍ଡି ବିଜେ ଆରମ୍ଭ ହେବ । ଭକ୍ତମାନେ ବଡ଼ଦାଣ୍ଡରୁ ଜଳଲାଗି ଓ ହାତୀବେଶ ଦର୍ଶନ କରିବେ । ହାତୀବେଶ ଓଲାଗି ପରେ ୩ ଘଂଟା ପର୍ଯ୍ୟନ୍ତ ଭକ୍ତମାନେ ବେଶ ଦର୍ଶନ କରିପାରିବେ । ଶୃଙ୍ଖଳିତ ନୀତି ଉପରେ ଗୁରୁତ୍ୱ ଦିଆଯାଇଛି । ସେବାୟତମାନେ ନୀତି ନିର୍ଘଂଟ ଅନୁଯାୟୀ କାର୍ଯ୍ୟ ସମାପନ ପାଇଁ ପରାମର୍ଶ ଦିଆଯାଇଛି । ଜଳଲାଗି ଓ ହାତୀବେଶ ସମୟରେ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ଠିଆ ହେବେ ନାହିଁ । ସ୍ନାନ ମଣ୍ଡପରେ ସିସିଟିଭି ଲାଗିବ । ଏହାସହ ଭିଡ଼ିଓ ରେକର୍ଡ଼ିଂର ବ୍ୟବସ୍ଥା ହେବ । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ,ଜିଲ୍ଲାପାଳ ସମର୍ଥ ବର୍ମା,ଏସ୍‌ପି କେ.ବିଶାଲ ସିଂହ, ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଚିତ୍ରକୋଣ୍ଡା ଅଂଚଳରେ ଲାଗିଲା ମାଓ ପୋଷ୍ଟର

ମାଲକାନଗିରି, ୭ ।୬(ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଟନେଲ କ୍ୟାମ୍ପରେ ବହୁଦିନ ପରେ ଲାଗିଲା ମାଓ ପୋଷ୍ଟର । ଦଣ୍ଡକାରଣ୍ୟ ଡିଭିଜନ ପକ୍ଷରୁ ଲାଗିଥିବା ଏହି ପୋଷ୍ଟର ଗୁଡିକରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଉଲ୍ଲେଖ ରହିଛି । ଏହାସହ ମିତଲ କମ୍ପାନୀ ପକ୍ଷରୁ କରାଯାଉଥିବା ପାଇପ ଲାଇନ କାମକୁ ମଧ୍ୟ ବିରୋଧ କରାଯାଇଛି ।ପୁଲିସ ଗଞ୍ଜେଇ ଗଛ କାଟିବା ଓ ଚୋରା ଚାଲାଣ ବନ୍ଦ କରିବା ନାମରେ ନିରୀହ ଆଦିବାସୀଙ୍କୁ ଅତ୍ୟାଚାର କରୁଛି ଏବଂ ଏହାକୁ ବନ୍ଦ ନ କରାଗଲେ ପ୍ରଜା କୋର୍ଟରେ ଦଣ୍ଡିତ କରି ମୃତ୍ୟୁ ଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରିଛି ଲାଲବାହିନୀ । ଗତ କିଛି ଦିନ ପୂର୍ବରୁ ପୁଲିସ ଡିଜି ସୁନିଲ କୁମାର ବଂସଲ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ମାଓ ମୁକାବିଲା ନେଇ ସ୍ଥିତି ସମୀକ୍ଷା କରିଥିଲେ । ଡିଜିଙ୍କ ଗସ୍ତର ଅଳ୍ପ କିଛି ଦିନ ପରେ ମାଓ ପୋଷ୍ଟର ଲାଗିବା ଏବେ ଜିଲ୍ଲା ପୁଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି ।

## ମୌସୁମୀ ପୂର୍ବରୁ ବିଏମସିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୭ ।୬(ପି.ଏନ): ମୌସୁମୀ ପୂର୍ବରୁ ପରିମଳ ବ୍ୟବସ୍ଥା ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ବଳିତ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍, ଜଳ ଯୋଗାଣ ଓ ଡ୍ରେନେଜ ଆଦି ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ପ୍ରତିକାର ନେଇ ବିସ୍ତୃତ ଆଲୋଚନା ହୋଇଛି ।ପବ୍ଲିକ୍ ହେଲଥ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଂଚି ନାରାୟଣ ମହାସୁପକାରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଯେଉଁଥିରେ ସ୍ୱାସ୍ଥ୍ୟ, ଜଳଯୋଗାଣ, ବିଦ୍ୟୁତ୍, ପରିମଳ, ବିଦ୍ୟୁତ୍ ଓ ଡ୍ରେନେଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା । ଆଗକୁ ମୌସୁମୀ ଥିବା ବେଳେ ପରିମଳକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କର୍ପୋରେଟର । ପରିମଳ ବ୍ୟବସ୍ଥାରେ ନିୟୋଜିତ ଥିବା ବିଭିନ୍ନ ଘରୋଇ ସଂସ୍ଥାଙ୍କ କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି ।ସହରର ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବାକୁ ଯାଇ ସମସ୍ତ ୱାର୍ଡ଼ରେ ହାଇମାଷ୍ଟ ଲାଇଟ୍ ଲଗାଯିବା ଓ ବିଏମ୍ସିର ୩ଟି ଯାକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଭଳି ୨୪ ଘଂଟିଆ ଅତ୍ୟାଧୁନିକ ଚିକିତ୍ସା ସେବା ମିଳିପାରିବ ସେଥିନେଇ ପ୍ରସ୍ତାବ ଆସିଥିଲା । ଭୁବନେଶ୍ୱରକୁ ପଲିଥିନ୍ ମୁକ୍ତ କରିବାକୁ ଯାଇ ଏନଫୋର୍ସମେଂଟ କଡାକଡି କରିବାକୁ ନିଷ୍ପତି ନିଆଯାଇଛି । ବର୍ତ୍ତମାନ କେବଳ ଗୋଟିଏ ସେଂଟ୍ରାଲ ସ୍କ୍ୱାର୍ଡ ଥିବା ବେଳେ ୩ଟି ଯୋନରେ ଅଧିକ ୩ଟି ସ୍କ୍ୱାର୍ଡ଼ ଗଠନ କରାଯିବ । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆବଶ୍ୟକ ଥିବା ବାୟୋ ମାଇନିଂ ପ୍ଲାଂଟକୁ କିଭଳି କମିଟିର ହସ୍ତକ୍ଷେପ ଜରିଆରେ କାର୍ଯ୍ୟକ୍ଷମ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ପ୍ରତି ୱାର୍ଡ଼ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବରିଷ୍ଠ ନାଗରିକଙ୍କ ଜରିଆରେ ୫ଶହ ଲେଖାଏଁ ବୃକ୍ଷ ରୋପଣ କରାଯିବାକୁ ନିଷ୍ପତି ନିଆଯାଇଛି ।ସେହିଭଳି ଜଳସ୍ତର ବୃଦ୍ଧି କରିବା ପାଇଁ ୩୦୬୨ଟି ବର୍ଷା ଜଳ ଅମଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । ସହରରେ ଥିବା ସମସ୍ତ ଇ-ଶୌଚାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିବା କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଷ୍ଟାଣ୍ଡିଂ କମିଟିରେ କେଉଁ କେଉଁ କାମକୁ ପ୍ରାଥମିକତା ଦେଇ କରାଯିବ ବିଶେଷ କରି ତାରି ଉପରେ ଆଲୋଚନା ହୋଇଥିଲା । ପରିମଳ, ଡ୍ରେନେଜ, ଇଲେକ୍ଟ୍ରିଫିକେସନ ଭଳି ମୁଖ୍ୟ ସମସ୍ୟା ବର୍ଷା ପୂର୍ବରୁ ସୁଧାରିବାର ଆବଶ୍ୟକ ରହିଛି । ଏଣୁ ଏହି ସବୁ କାମକୁ ସମସ୍ତଙ୍କ ମଧ୍ୟରେ ବଂଟନ ହୋଇଛି,'କହିଛନ୍ତି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଂଚି ନାରାୟଣ ମହାସୁପକାର ।ସହର ସଫେଇ କୁ ନେଇ ଅଭିଯୋଗ ଆସୁଛି । ଯିଏ ଏହି ଦାୟିତ୍ୱ ନେଇଛନ୍ତି ତାଙ୍କର ଅବଧି ସରୁଛି । ଖୁବଶୀଘ୍ର ନୂଆ ଏଜେନ୍ସି ମାଧ୍ୟମରେ କିଭଳି ଭଲ କାମ ହୋଇ ପାରିବ ତାକୁ ଗୁରୁତ୍ୱ ଦିଆଯିବ । ଜୁଲାଇ ୧ ତାରିଖ ଠାରୁ ନୂଆ ଏଜେନ୍ସି ପରିମଳ କାମ ବୁଝିବ । ସେହିଭଳି ସିଙ୍ଗଲ ୟୁଜ ପ୍ଲାଷ୍ଟିକ କୁ ନେଇ ୩ ଜୋନରେ ୩ ଟି ନୂଆ ସ୍କ୍ୱାର୍ଡ ଗଠନ କରାଯିବ ଓ ନିୟମିତ ବ୍ୟବଧାନ ରେ ପ୍ଲାଷ୍ଟିକ ବନ୍ଦ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଏମସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ।

## ମୁଁ ବଂଚିବାକୁ ଚାହେଁ, ପୁଣି ଭିଡିଓ ପୋଷ୍ଟ କରି କହିଲେ ଅନୁଭବ

ଭୁବନେଶ୍ୱର,୭ ।୬(ପି.ଏନ): ଓଡ଼ିଆ ସିନେ ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ମଙ୍ଗଳବାର ଦିନ ପୁଣି ଏକ ଭିଡିଓ ପୋଷ୍ଟ କରିଛନ୍ତି । ଆଜି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି, 'ମୁଁ ବହୁତ ବୋଝ ନେଲିଣି । ମୋତେ ମାରି ସାରିଲଣି । ମରିବାକୁ ଆଉ ଡରାଅନି । ତୁମେ ମୋତେ ମାରି ସାରିଲଣି । ମୁଁ ଗୋଟିଏ ମଲା ମଣିଷ । ମୁଁ ଏବେ ଗୋଟିଏ ମଲା ମଣିଷର ଜୀବନ ବଂଚିଛି । ହେଲେ ସମସ୍ତଙ୍କ ପରି ମୋର ବି ଶେଷ ଇଛା ଅଛି । ମୁଁ ବି ବଂଚିବାକୁ ଚାହେଁ । ସେ ଆହୁରି କହିଛନ୍ତି, ମୁଁ ସବୁବେଳେ ବଂଚିବାକୁ ଚାହୁଁଥିଲି ।

## ବାରବାଟୀ ଟି-ଟ୍ୱେଂଟି ମ୍ୟାଚ୍ ପାଇଁ ଅଫ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୭ ।୬(ପି.ଏନ): ଆସନ୍ତା ୧୨ ତାରିଖରେ ବାରବାଟୀରେ ଖେଳାଯିବାକୁ ଥିବା ଇଣ୍ଡିଆ – ସାଉଥ ଆଫ୍ରିକା ଟି-ଟ୍ୱେଂଟି ମ୍ୟାଚ୍ ପାଇଁ ଅଫ୍‌ଲାଇନ୍ ରେ ଟିକେଟ ବିକ୍ରି ଆରମ୍ଭ ହୋଇଛି । ଓସିଏ ସହିତ ଅନୁବନ୍ଧିତ ଥିବା ସଂଘ, ସ୍କୁଲ, କଲେଜ, କ୍ଲବ ଓ ଅନୁଷ୍ଠାନ ଟିକେଟ କିଣିପାରିବେ । ଏହି ବର୍ଗରେ ୮ ହଜାର ଟିକେଟ ବିକ୍ରି ହେବ । ଓସିଓ କନଫରେନ୍ସ ହଲରେ ସକାଳ ୧୦ ଟାରୁ ଟିକେଟ ବିକ୍ରି ଆରମ୍ଭ ହୋଇଛି । ନିଜ ନିଜ କୋଟା ଅନୁସାରେ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ମିଳିବ । ଏହାପରେ ୯ ଓ ୧୦ ତାରିଖରେ ଷ୍ଟାଡିୟମର ବିଭିନ୍ନ କାଉଂଟରରେ ସାଧାରଣ ଦର୍ଶକଙ୍କ ପାଇଁ ବିକ୍ରି ହେବ ୧୬ ହଜାର ୧୫୪ଟି ଟିକେଟ । ଆଗରୁ ଅନ୍‌ଲାଇନରେ ୫ ହଜାର ଟିକେଟ ବିକ୍ରି ହୋଇଛି ।

## ଲାଞ୍ଚ ନେଉଥିଲେ ପୁଲିସ ବାବୁ, ମାଡିବସିଲା ଭିଜିଲାନ୍ସ



ଖଲିକୋଟ,୭ ।୬(ପି.ଏନ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ପୁଲିସ୍ ବାବୁ । ଏହି ବାବୁ ଜଣଙ୍କ ହେଉଛନ୍ତି ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡିର ଏଏସଆଇ ମାନସ କୁମାର ରାଉତ ।ସେ ଏକ ମାମଲା ରୁଜୁ କରିବା ପାଇଁ ଏତଲାକାରୀଙ୍କ ଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଏହି ପୁଲିସ ବାବୁଙ୍କୁ ଗିରଫ କରିଥିଲେ ଓ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଥିଲେ । ଟଙ୍କାରେ ଲାଗିଥିବା ପୁଲିସ ବାବୁଙ୍କ ଫିଙ୍ଗର ପ୍ରିଣ୍ଟକୁ ଭିଜିଲାନ୍ସ ପ୍ରମାଣ ଭାବେ ସାଇତି ନେଇଛି । ଫାଣ୍ଡି ନିକଟରେ ଥିବା ଏକ ପାନ ଦୋକାନ ନିକଟରେ ଲାଞ୍ଚୁଆ ବାବୁ ଜଣଙ୍କ ମାମଲା ରୁଜୁ କରିବା ନିମନ୍ତେ ଲାଞ୍ଚ ନେଉଥିଲେ । ଏତଲାକାରୀଙ୍କୁ ଏହି ପୁଲିସ ବାବୁ ଲାଞ୍ଚ ଦେଲେ ମାମଲା ରୁଜୁ କରିବେ ବୋଲି କହିଥିଲେ । ଯାହା ପରେ ଏତଲାକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଚଢ଼ାଉ କରିଥିବା ବ୍ରହ୍ମପୁର ଭିଜିଲାନ୍ସର ୫ ଜଣିଆ ଟିମ୍ ଟଙ୍କା ଜବତ କରିବା ପରେ ପୁଲିସ ବାବୁଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଖୋଜିବା ଆରମ୍ଭ କରିଛି । ଏଥିନିମନ୍ତେ ଭିଜିଲାନ୍ସ ଟିମ ଲାଞ୍ଚୁଆ ପୁଲିସ ବାବୁଙ୍କ ଭଡା ଘର ଓ ଅଫିସ ଉପରେ ଚଢ଼ାଉ କରି ତନତନ ଯାଞ୍ଚ ମଧ୍ୟ କରିଛି । ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା କରାଯାଇ ଅଧିକ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି ।

## ସରକାରୀ ଜାଗା ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛି ଭୁବନ ତହସିଲ

ଭୁବନ,୭ ।୬(ପି.ଏନ): ଢେଙ୍କାନାଳ ଜିଲ୍ଲା ଭୁବନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାରେ ସରକାରୀ ଜାଗା ବେଆଇନ ଭାବେ ଜବରଦଖଲ ହେଉଥିବାବେଳେ ତହସିଲ ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ । ତହସିଲ ଅଫିସ ଠାରୁ ମାତ୍ର ୫୦ ମିଟର ଦୂର ମୁଖ୍ୟରାସ୍ତାରେ ଜବରଦଖଲ ହେଉଥିବା , ଫଟୋକପି ପ୍ରଦାନ ସତ୍ୱେ ତହସିଲଦାର ସବୁ ଜାଣି ଚୁପ ରହୁଥିବା ଯୋଗୁ ପରୋକ୍ଷରେ ଜବରଦଖଲକାରୀଙ୍କୁ ସୁରକ୍ଷା ଓ ସମର୍ଥନ ଦେଉଛିବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି । ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଟୋଲଙ୍କ ବେରେଣୀ ଓ ଗଡଗଁପୁର ମୌଜାର ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ କରିବା ପାଇଁ ଲୋକପାଳ ଆଦେଶ ଦେବାପରେ ମଧ୍ୟ ତହସିଲ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଛି । ଏହାକୁନେଇ ଆବେଦନକାରୀ ଓ ସ୍ଥାନୀୟ ଅଂଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ , ଭୁବନର ଯୁବ ସାମ୍ବାଦିକ ମନୋଜ କୁମାର ପୋଥାଳ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଗତ ୧୪.୧୨.୨୦୨୦ ରିଖରେ ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପ୍ରେରଣ କରିଥିଲେ । କାଠି ସାହୁ ଙ୍କ ଘର ଠାରୁ ଭୋଳେଶ୍ୱର ସାହୁଙ୍କ ଘର ପର୍ଯ୍ୟନ୍ତ ସର୍ବସାଧାରଣ ରାସ୍ତାବେ ଆଇନ ଜବରଦଖଲ କାରଣରୁ ଦିନକୁ ଦିନ ସଙ୍କୁଚିତ ହୋଇଯାଉଛି । କେତେକ ବ୍ୟକ୍ତି ସର୍ବସାଧାରଣ ରାସ୍ତାଉପରେ ପାଇଖାନା ଗୃହ ନିର୍ମାଣ କରିବା ସହିତ ପାଇଖାନା ଟାଙ୍କି ଓ ଗୁହାଳ ନିର୍ମାଣ କରିଛନ୍ତି । ସେମାନେ ସର୍ବଦା ରାସ୍ତା ଉପରକୁ ମଇଳା ପାଣି ଛାଡୁଥିବାରୁ ରାସ୍ତାରେ ଅନବରତ ମଇଳା ପାଣିର ସୁଅ ଚାଲିଛି । ଖରା ଓ ଶୀତ ଦିନେ ଏହି ରାସ୍ତାରେ ପାଣି କାଦୁଅ ଭର୍ତି ହେଉଛି । ଏଥିପାଇଁ ଯାତାୟତରେ ସମସ୍ୟା ଉପୁଜୁଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ । ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା ଚିଠି ନଂ-୩୬୭୪ ତା୧୮.୧୨.୨୦୨୦ ରେଭୁବନ ଓ ବାଲିବୋରାଜସ୍ୱ ନୀରିକ୍ଷକଙ୍କୁ ତଦନ୍ତକରିରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ନିରୀକ୍ଷକ ମଧ୍ୟ ଜବରଦଖଲକାରଙ୍କ ନାମଏବଂ କେଉଁ ପ୍ରକାର ଜବରଦଖଲ କରିଛନ୍ତି ସେ ସଂପର୍କରେ ରିପୋର୍ଟ ଦେଇଥିଲେ । ଏହାପରେ କୌଣସି ଅଗ୍ରଗତି ନହେବାରୁ ଶ୍ରୀ ପୋଥାଳ ୧୫.୦୩.୨୦୨୧ରେ ଲୋକପାଳଙ୍କ ଦ୍ୱାରସ୍ଥ ହେବାପରେ ଲୋକପାଳ କେଶ ନଂ-୧୯୬/୨୦୨୧ରେ ମାମଲା ରୁଜୁ କରିଥିଲେ । ପରବର୍ତି ସମୟ ଅର୍ଥାତ ଗତ ଅଗଷ୍ଟ ୨୧, ଅକ୍ଟୋବର ୭, ନଭେମ୍ବର ୨୩, ଜାନୁଆରୀ ୨୪, ମାର୍ଚ୍ଚ ୧୪, ଅପ୍ରେଲ ୨୫ରେ ଆବେଦନକାରୀ ଏବଂ ତହସିଲଦାର/ଅତିରିକ୍ତ ତହସିଲଦାରଙ୍କ ଶୁଣାଣି କରି ଯଥାଶୀଘ୍ର ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲ ତରଫରୁ ପୋଲିସ ଫୋର୍ସ ପାଇଁ ଚିଠି ଦିଆହୋଇଛି ବୋଲି ଲୋକପାଳଙ୍କ ନିକଟରେ ନିଜ ପକ୍ଷ ରଖି କେଉଁ ସ୍ୱାର୍ଥରେ ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛି ବୋଲି ଚର୍ଚ୍ଚା ହେଉଛି ।

## ଦିଲ୍ଲୀ ଗଲେ ପିସିସି ସଭାପତି , ନୂଆ କମିଟି ଗଠନ ନେଇ ହେବ ଆଲୋଚନା

ଭୁବନେଶ୍ୱର, ୭ ।୬(ପି.ଏନ): ହାଇକମାଣ୍ଡଙ୍କ ଡକରା ପାଇ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ନବନିଯୁକ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ । ସେଠାରେ ସେ ଏଆଇସିସି କାର୍ଯ୍ୟକାରିଣୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାଜ୍ୟ ପ୍ରଭାରୀଙ୍କ ସହ ଆଲୋଚନା କରିବେ । ପିସିସିଙ୍କ ନୂଆ ଟିମରେ କାହାକୁ ସାମିଲ କରାଯିବ ସେ ନେଇ ଆଲୋଚନା ହୋଇ ପାରେ ବୋଲି କୁହାଯାଉଛି । ନୂଆ ନିଯୁକ୍ତି ପାଇବା ପରେ ଏହା ହେଉଛି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରଥମ ଦିଲ୍ଲୀଗସ୍ତ ।ଦିଲ୍ଲୀ ଗସ୍ତ ପୂର୍ବରୁ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେ କହିଛନ୍ତି ଯେ ପ୍ରଭାରୀ ଏ. ଚେଲା କୁମାର ଓ ଅନ୍ୟ ନେତା ମାନଙ୍କୁ ଭେଟିବି । ହାଇକମାଣ୍ଡଙ୍କୁ ସାକ୍ଷାତ କରି ସବୁ ବିଷୟରେ ଅବଗତ କରିବି । ନୂତନ କମିଟି ଗଠନ ନେଇ ସେଠାରେ ଆଲୋଚନା ହେବ । ୨୦୨୪ ପାଇଁ ଆମେ ପ୍ରସ୍ତୁତ । ଏଥିପାଇଁ ହାଇକମାଣ୍ଡଙ୍କ ସହ ଆଲୋଚନା କରି ଫେରିବି ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ । ନୂଆଦିଲ୍ଲୀରୁ ଫେରିବା ପରେ ଶରତଙ୍କ ନୂଆ ଟିମ ଘୋଷଣା ହୋଇପାରେ ।ଏହି ନୂଆ ଟିମରେ ଯୁବକଙ୍କୁ ଗୁରୁ ଦାୟିତ୍ୱ ମିଳିପାରେ । ଦିଲ୍ଲୀରୁ ଫେରିବା ପରେ ଆସନ୍ତା ୧୦ ତାରିଖରେ ଶରତ ପଟ୍ଟନାୟକଙ୍କ ଲାଗି ସମ୍ବର୍ଦ୍ଧନା ସମାବେଶ ଆୟୋଜିତ ହେବ ବୋଲି ମଧ୍ୟ ସୂଚନା ରହିଛି ।ସୂଚନାଯୋଗ୍ୟ, ଗତ ମାସ ୨୩ ତାରିଖରେ ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକଙ୍କୁ ଦ୍ୱିତୀୟ ଥର ପାଇଁ ପିସିସି ସଭାପତି ରୂପେ ନିଯୁକ୍ତ କରାଯାଇଥିଲା ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି ।

# ଆଜିର ଭାଗ୍ୟ

**ମେଷ** - ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** - ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** - ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** - ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** - ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** - ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** - ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** - ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** - ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** - କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** - ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** - ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# କାମନାର ଦାସ ହୁଅନାହିଁ !



ଯେତେ ଧନର ମାଲିକ ହେଲେ ମଧ ତୁମେ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ତୀର୍ଥ ଭ୍ରମଣ କଲେ ସୁଦ୍ଧା ସେ ଆନନ୍ଦ ଅନୁଭବ କରି ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ବିଦ୍ୟାରେ ପାରଙ୍ଗମ ହେଲେ ମଧ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ତାହା ନିଅ। ସେଥିପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଶକ୍ତି ଅପଚୟ କରିବାକୁ ହେବନାହିଁ। କୌଣସି ସାଧନା ମଧ କରିବା ଦରକାର ନାହିଁ। ସାଇଙ୍କ ଠାରୁ ସେ ଆନନ୍ଦ ପାଇବାକୁ ହେଲେ, ତୁମର ହୃଦୟଟି କେବଳ ସାଇଙ୍କୁ ଦେବାକୁ ହେବ। ଜଣେ ସୁଜ୍ଞାନୀ ବା ଭଲଲୋକ ହେଉଛନ୍ତି ସିଏ, ଯେ, ନିଜର ଭୁଲ ଗୁଡ଼ିକ ଦେଖିବାକୁ ଚେଷ୍ଟା କରନ୍ତି। ଯେ ଅନ୍ୟମାନଙ୍କର ଭୁଲ ଖୋଜନ୍ତି ସେ ନିଜ ଭୁଲ ଦେଖିଲା ବେଳକୁ ଅନ୍ଧ ପାଲଟିଯାଆନ୍ତି। ଏଭଳି ଲୋକଙ୍କର ବଞ୍ଚିବା ବୃଥା। ତୁମେ, ପିଲାମାନେ, ଚିର ଆନନ୍ଦପୂର୍ଣ୍ଣ ରାଜ୍ୟର ଉତ୍ତରାଧିକାରୀ। ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ବେଦରେ କୁହାଯାଉଛି ଯେ ତୁମ୍ଭେମାନେ ହିଁ ପରମାନନ୍ଦଙ୍କ ମୂର୍ତ୍ତିମନ୍ତ ଆକାର। ତୁମେ କେବଳ ରକ୍ତ ମାଂସର ମଣିଷ ବା ମାଟିର ଘଟ ନୁହେଁ, ତୁମେ ଦୈବତ୍ୱର ଅଂଶ ବିଶେଷ। ପ୍ରକୃତି ରାଣୀର ବିଭିନ୍ନ ଉପାଦାନ ଗୁଡ଼ିକ ତୁମର ଖେଳନା ଓ ଏ ବିଶ୍ୱ ତୁମର ଖେଳ ପଡ଼ିଆ ସଦୃଶ। ଏ ସଂସାରର କ୍ରୀତଦାସ ନ ହୋଇ ଏହାର ପ୍ରଭୁ ହେବାକୁ ତୁମେ ଚେଷ୍ଟା କରିବା ଦରକାର। କିନ୍ତୁ ଯେତେ ଦିନ ଯାଏଁ ତୁମେ ବସ୍ତୁଗତ ଆନନ୍ଦ ଓ ସାଂସାରିକ ସୁଖ ଚାହୁଁଥିବ, ଛୋଟ ଛୋଟ କ୍ଷଣସ୍ଥାୟୀ କାମନା ପୂରଣ କରିବାକୁ ମନ କରିଥିବ, ସେ ପର୍ଯ୍ୟନ୍ତ ସଂସାରର କ୍ରୀତଦାସ ହେବାକୁ ବାଧ। ଯିଏ କାମନାର ଦାସ ହୋଇପଡ଼େ, ସେ ସଂସାରର ଦାସ ହୁଏ। ରାବଣ ଜଣେ ବଡ଼ ଯୋଦ୍ଧା, ତପସ୍ୱୀ ଓ ପଣ୍ଡିତ ଥିଲା, କିନ୍ତୁ ସେ ସୀତାଙ୍କୁ ନିଜର ଅଧିନ କରିବାକୁ ଚେଷ୍ଟା କଲା ଯାହା ପାଇଁ ତାକୁ ନିଜର କରୁଣ ପରିଣାମ ଭୋଗିବାକୁ ପଡ଼ିଥିଲା। ସୀତା ଭୂ-ମାତାଙ୍କ କନ୍ୟା। ସେ ହେଉଛନ୍ତି ପ୍ରକୃତି ମାତା। ସେ କାହା ଦ୍ୱାରା ଅଧିକୃତ ହୋଇ ନପାରନ୍ତି। ଭଗବାନ କେବଳ ତାଙ୍କୁ ନିଜର କରିପାରନ୍ତି। ପ୍ରତ୍ୟେକେ, ଯଦି ନିଜ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରନ୍ତି ତେବେ ପ୍ରକୃତିରେ ବିକୃତି ଦେଖାଦେବ ନାହିଁ। ବରଂ ପ୍ରକୃତିରେ ସାମ୍ୟ ଓ ଶୃଙ୍ଖଳା ଦେଖାଦେବ। ରାବଣ ଧର୍ମ ଅଚାରଣର ନିୟମ ଲଙ୍ଘନ କରିବାରୁ ନିଜର ପତନକୁ ଡାକି ଆଣିଲା।

ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରିବାର ଏକ ମାତ୍ର ଉପାୟ ହେଉଛି ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ। ଆମେ ଯେଉଁ ଠାରୁ ଆସିଛୁ, ଆମର ସେଇ ପ୍ରକୃତ ଘରକୁ ଆମେ ଭୁଲି ଗଲୁଣି। ଗୋଟିଏ ଛୋଟ ଉଦାହରଣ ଦେଉଛି। ଜଣେ ରାଜା ଗୋଟିଏ ଶୁଆ ପୋଷିଥିଲେ। ସେ ତାକୁ ରସାଳ ଫଳ ମାନ ଖୁଆଉଥିଲେ, ସୁମିଷ୍ଟ ରସ ପିଆଉଥିଲେ ଏବଂ ଗୋଟିଏ ସୁନ୍ଦର ସୁନା ପଞ୍ଜୁରୀରେ ରଖିଥିଲେ। କିନ୍ତୁ ସେ ଶୁଆଟି ତିଳେ ହେଲେ ସୁଖ ପାଉନଥିଲା। କାହିଁକି ? ସେ ଚାହୁଁଥିଲା ପୁଣି ତାର ସେଇ ଗଛ ଡାଳରେ ଥିବା ବସାକୁ ଉଡି ଯାନ୍ତା, ବିଭିନ୍ନ ଗଛର ତଟକା ଫଳ ଖାଇ ସ୍ୱାଧୀନ ଭାବରେ ରହନ୍ତା। ଆଜି କାଲିର ମଣିଷ ସେ ଶୁଆ ଠାରୁ ମଧ ବୁଦ୍ଧିଆ ନୁହେଁ। ସେ ନିଜ ଘରକୁ ଫେରି ଯିବାକୁ ମୋଟେ ଆଗ୍ରହ ପ୍ରକାଶ କରୁନାହିଁ। ଜଣେ ଖୁବ୍ ବଡ଼ ପଣ୍ଡିତ ହୋଇ ପାରନ୍ତି, ମହାନ ହୋଇପାରନ୍ତି, କିନ୍ତୁ ଜାଣିରଖ ନିଜ ଘରଠାରୁ ବଡ଼ ଆଉ କିଛି ହୋଇନପାରେ। ନିଜ ଘରେ ଏକ ସରଳ ଜୀବନ ଯାପନ କରିବା ଅପେକ୍ଷା, ବିଦେଶର ବିଳାସୀ ଜୀବନ ମଧ ନିକୃଷ୍ଟତର। ଆମର ପ୍ରକୃତ ସ୍ୱଭାବ ହେଉଛି ଦିବ୍ୟ ଆନନ୍ଦ ତାହା କେବଳ ମୋକ୍ଷରେ, ଆତ୍ମାର ମୁକ୍ତିରେ ହିଁ ମିଳିବ। ପିଲାମାନେ, ତୁମ୍ଭେମାନେ ଦୈବସ୍ୱରୂପ। ଆମ ଦେଶର ସଂସ୍କୃତିର ଉତ୍ତରାଧିକାରୀ ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା ଉପରେ ଗୋଟିଏ ଦେଶର ମହତ୍ୱ ନିର୍ଭର କରେ। ତେଣୁ, ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଉଛି, ଶିଶୁମାନଙ୍କର ସ୍ୱାସ୍ଥ୍ୟ ତଥା ସର୍ବ ବିଧ ବିକାଶ ପାଇଁ ଯଥାସାଧ ଚେଷ୍ଟା କରିବା। ସେମାନଙ୍କର ଶିକ୍ଷା ଏଭଳି ହେବା ଦରକାର ଯେ, ସେମାନେ ଯେମିତି ଅନ୍ୟାୟ, ହିଂସା ଓ ଧର୍ମାନ୍ଧତା ରୂପକ ଅଗ୍ନି ଶିଖାକୁ ଦମନ କରି ପାରିବେ। କିନ୍ତୁ କୌଣସି ଏକ ପ୍ରଚେଷ୍ଟାରେ ସଫଳ ହେବାକୁ ହେଲେ ମଣିଷର ଉଦ୍ୟୋଗ ସହିତ ଭଗବତ୍ କୃପା ଦରକାର। ଭଗବତ୍ କୃପା ସଦା ସର୍ବଦା ତୁମ ପାଖରେ ଓ ତୁମ ଭିତରେ ଅଛି। ନିଜ ଘରେ ଦିବ୍ୟ ଆଲୋକ ଜଳୁଥିବା ବେଳେ ପଡ଼ୋଶୀ ଘରୁ ଦୀପ କାହିଁକି ମାଗୁଛ ? ତୁମେ ଦିବ୍ୟତ୍ୱର ସାକାର ପ୍ରତିମା, ସେହି ଦୈବତ୍ୱର ବିକାଶ ଲାଗି ତୁମକୁ ସାଧନା କରିବାକୁ ହେବ। ପ୍ରଥମେ କେତେ ଗୁଡ଼ିଏ ସଦ୍‌ଗୁଣ ଅଭ୍ୟାସ କରିବାକୁ ହେବ ଓ ବଦଭ୍ୟାସମାନ ଛାଡ଼ିବାକୁ ପଡ଼ିବ। ସତ୍ୟ, ଶାନ୍ତି ଓ ଧୈର୍ଯ୍ୟ ରକ୍ଷା କରି, ଈର୍ଷା, ଅହଂକାର ଇତ୍ୟାଦି ତ୍ୟାଗ କରିବାକୁ ହେବ। ପ୍ରେମ ତ ତୁମ ଭିତରେ, ତାକୁ କେବଳ ବହି ଯିବାକୁ ଦିଅ।

**-ଇଂ. ସଚ୍ଚିଦାନନ୍ଦ ନନ୍ଦ**
**ଅଲିଶା ବଜାର, କଟକ**

# ଶିକ୍ଷାକ୍ଷେତ୍ରରେ ବ୍ୟୟ ବୋଝ ନୁହେଁ, ପରିସମ୍ପତି



ସବୁଦେଶରେ ଶିକ୍ଷକ ବା ଗୁରୁ ପୂଜନୀୟ । ବିଶ୍ୱର ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଦିବସରେ ବା ତାରିଖରେ ମହାନ୍ ଶିକ୍ଷକଙ୍କ ସ୍ମୃତିରେ ପାଳନ କରନ୍ତି ଶିକ୍ଷକ ଦିବସ ବା ଗୁରୁଦିବସ । ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ବିନ୍ଧାଣି ହେଉଛନ୍ତି ଶିକ୍ଷକ । ଶିକ୍ଷକମାନଙ୍କୁ କୁହାଯାଇଥାଏ ମଣିଷ ତିଆରି କାରଖାନାର କାରିଗର। ତେଣୁ ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜର ଶିକ୍ଷକ ବା ସମାଜ ନିର୍ମାତାମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦିନରେ ଗୁରୁ ଦିବସ ପାଳନ କରିଥାନ୍ତି। ଆମ ଦେଶରେ ଗୁରୁପୂଜନର ପରମ୍ପରା ହେଉଛି ଅତି ପ୍ରାଚୀନ। ଏହି ଗୁରୁମାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ କରାଯାଏ ଗୁରୁପୂର୍ଣ୍ଣିମା। ଏହିଦିନ ବେଦବ୍ୟାସ ଜନ୍ମଗ୍ରହଣ କରିଥିଲେ। ସେହିପରି ଭାରତରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିନକୁ ଗୁରୁଦିବସ ଭାବେ ପାଳନ କରାଯାଏ । ସେହିପରି ପ୍ରାଚୀନ ଭାରତବର୍ଷରେ ମହାନ୍ ଶିକ୍ଷକମାନଙ୍କ ମଧ୍ୟରେ ଚାଣକ୍ୟ, ଆର୍ଯ୍ୟଭଟ୍ଟ,ସାବିତ୍ରୀ ବାଈ ଫୁଲେ, ରବୀନ୍ଦ୍ରନାଥ ଟାଗୋର, ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ , ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ, ପ୍ରେମଚାନ୍ଦ ଓ ଆହୁରି ଅନେକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ। ପ୍ରତିବର୍ଷ ଗୁରୁଦିବସ ଆସିଲେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ଓ ଆହୁରି ଅନେକ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ବାର୍ତ୍ତା ଦେବା ସହ ଶିକ୍ଷାର୍ଥୀଙ୍କୁ ଗଢ଼ିବାରେ ଶିକ୍ଷକମାନଙ୍କର ବଡ଼ ଭୂମିକା ରହିଛି ବୋଲି କହିଥାନ୍ତି। କିନ୍ତୁ ଏହି ଗୋଟିଏ ଦିନପରେ ସମସ୍ତେ ସବୁ କଥା ଭୁଲିଯାନ୍ତି। ଶିକ୍ଷକମାନଙ୍କ କଥା ଓ ବ୍ୟଥା ଭାଷଣରେ ହିଁ ରହିଯାଏ।

ଏଥର ଆସିବା ଶିକ୍ଷା ବ୍ୟବସ୍ଥାକୁ । ବିଦେଶରେ ଶିକ୍ଷା ପାଇଁ ବଜେଟ୍‌ର ସିଂହଭାଗ ବ୍ୟୟ କରାଯାଏ। ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ବ୍ୟବସ୍ଥା କରାଯାଏ। ସେଥିପାଇଁ ସେ ଦେଶ ସେତେ ଉନ୍ନତ ଓ ବିକଶିତ। ସାକ୍ଷରତା ହାର ବି ଅଧିକ। ଆମ ଦେଶରେ ସବୁ ଓଲଟା। ଏଠି ଶିକ୍ଷା ଓ ଶିକ୍ଷା ବଜେଟ୍ ସହିତ ଶିକ୍ଷକଙ୍କ ସ୍ଥିତି ମଧ ଦୟନୀୟ। ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାର ସେପରି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟିର ସୁପାରିଶ ହେଉଛି ଶିକ୍ଷା ବାବଦରେ ବ୍ୟୟ ବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । କାରଣ ଆମ ଦେଶ ତଥା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ବ୍ୟୟକୁ ବୋଝ ବୋଲି ବିବେଚନା କରାଯାଏ, ପରିସମ୍ପତ୍ତି ନୁହେଁ ।

ଶିକ୍ଷାବ୍ୟବସ୍ଥାର ମୂଳଦୁଆ ହେଉଛି ପ୍ରାଥମିକ ଶିକ୍ଷା। କିନ୍ତୁ ସବୁଠି ଅସଜଡା ଅବସ୍ଥା। ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ ନଜର ପକାଇଲେ ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଲାଇଛନ୍ତି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନି ଜଣ ଶିକ୍ଷକରେ ସ୍କୁଲ ଚାଲିଛି ।ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ । ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ । ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ । ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ । ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ । ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ । ଏଠି କିଏ ଜିଲ୍ଲାପରିଷଦ ଶିକ୍ଷକ, କନିଷ୍ଠ ଶିକ୍ଷକ,ଗଣଶିକ୍ଷକ, ଶିକ୍ଷା ସହାୟକ ତ କିଏ ବ୍ଲକ୍‌ଗ୍ରାଣ୍ଟ୍ ଶିକ୍ଷକ । ଯଦିଓ ନିକଟରେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି ତଥାପି ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ମିଳିନାହିଁ । କାହିଁ ଅତୀତରେ ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଉନଥିଲା ? ଗୋଟିଏ ବୃତ୍ତିରେ ଥାଇ ସମାନ କାମକରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଶିକ୍ଷକମାନେ ହୀନମନ୍ୟତାର ଶିକାର ହେଉଚନ୍ତି । ପରିଣାମ ସ୍ୱରୂପ, ବିଭିନ୍ନ ସମୟରେ ସେମାନେ ଆନ୍ଦୋଳନ କରୁଛନ୍ତି ଓ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଛନ୍ତି ତାଙ୍କୁ ଶିକ୍ଷକ ସ୍କେଲ ଦେବାପାଇଁ । ସାମଗ୍ରିକ ଭାବେ ଏହାର ପ୍ରତିକୂଳ ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି । ଏବେ ପୁଣି ସରକାରୀ ସ୍କୁଲ ପରେ କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ସ୍କୁଲ, ନବୋଦୟ ବିଦ୍ୟାଳୟ ଆଦି ସରକାରୀ ଭାବେ ସ୍ଥାପିତ ହୋଇଅଛି। ଏସବୁ ସତ୍ତ୍ୱେ ଛତୁ ଫୁଟିଲାପରି ବେସରକାରୀ ସ୍କୁଲ ଖୋଲୁଛି। ଚାକଚକ୍ୟ, ରଙ୍ଗରୂପ ଓ ଧନ ଆଉ ମାନରେ ବେସରକାରୀ ସ୍କୁଲ ଗୁଡିକ ସରକାରୀ ସ୍କୁଲଠାରୁ ବହୁ ଆଗରେ।

ଏସବୁ ଭିତରେ ଏବେବି ଗୁରୁମାନେ ଖୁସିରେ ନାହାଁନ୍ତି। ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟଠାରୁ ଆରମ୍ଭକରି ସବୁସ୍ତରରେ ଶିକ୍ଷକଙ୍କ ମନରେ ଅସନ୍ତୋଷ ରହିଛି। ସେମାନଙ୍କ ବିଭିନ୍ନ ସମସ୍ୟା ଏବେବି ଅସମାହିତ ହୋଇ ରହିଛି। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଘା ନାହିଁ। ସେଥିପାଇଁ ଅଧିକାଂଶ ସମୟରେ ଶିକ୍ଷକ ଓ ଅଧ୍ୟାପକ ମାନେ ଦାବି ପୂରଣ ନେଇ ରାଜରାସ୍ତାକୁ ଓହ୍ଲାଉଛନ୍ତି ।ସେହିପରି ଡିଗ୍ରୀ କଲେଜର ଅଧ୍ୟାପକମାନଙ୍କର ସମସ୍ୟା ମଧ ଅନେକ। ବର୍ଗୀକରଣ ଓ ବେତନରେ ତାରତମ୍ୟ ସହିତ ଅବସର କାଳୀନ ସୁବିଧା ସୁଯୋଗ ସମସ୍ୟାର ଏବେବି ସମାଧାନ ହୋଇପାରି ନାହିଁ। ଏବେ କରୋନ ପରେ ଏବେ ପୁଣି କଲେଜ ମାନଙ୍କରେ ବାୟୋ ମେଟ୍ରିକ ମେସିନ୍ ଲାଗିଲାଣି । ଅଧ୍ୟାପକମାନେ କଲେଜରେ ୭ଘଣ୍ଟା ରହିବେ। ଅଧ୍ୟାପକ ଓ ଅଧ୍ୟାପିକାମାନେ କ'ଣ ଗୋଟି ଶ୍ରମିକ ? ଏଭଳି ବ୍ୟବସ୍ଥା କାହା ସ୍ୱାସ୍ଥ୍ୟରେ ତାହା ଜଣା ପଡୁନାହିଁ। ସେହିପରି ନିକଟରେ ବିଧାୟକମାନେ ଶିକ୍ଷକଙ୍କ ବଦଳି କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଶିକ୍ଷାନୁଷ୍ଠାନରେ ରାଜନୈତିକ ହସ୍ତକ୍ଷେପ ବଢ଼ିବନିକି ?

କିନ୍ତୁ କେତେକ ପାଶ୍ଚାତ ଦେଶରେ ଗୁରୁମାନେ ହିଁ ଭି.ଆଇ.ପି ଶ୍ରେଣୀରେ ଅର୍ନ୍ତଭୁକ୍ତ ହେଇଥାନ୍ତି। ପୃଥିବୀର ସବୁଠାରୁ ଧନଶାଳୀ ରାଷ୍ଟ୍ର ଆମେରିକାରେ ବୈଜ୍ଞାନିକ ଓ ଶିକ୍ଷକମାନେ ହିଁ ଏହି ବର୍ଗରେ ଥାଆନ୍ତି। ପ୍ରାନ୍ସର ଅଦାଲତରେ କେବଳ ଶିକ୍ଷକମାନେ ହିଁ କୋର୍ଟ ପରିସରରେ ବସିବାର ସୁଯୋଗ ପାଆନ୍ତି। ଜାପାନରେ କୈାଣସି ଶିକ୍ଷକଙ୍କୁ ଆରେଷ୍ଟ କରିବା ପୂର୍ବରୁ ପୋଲିସକୁ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ନେବାକୁ ପଡେ। ସେହିପରି ଦକ୍ଷିଣ କୋରିଆରେ ଆମ ଦେଶରେ ଜଣେ ମନ୍ତ୍ରୀ ଯେଉଁ ସୁବିଧା ସୁଯୋଗ ପାଇଥାନ୍ତି ସେଠାରେ ଶିକ୍ଷକମାନେ ସେ ସବୁ ସୁବିଧା ପାଇଥାନ୍ତି। ସେମାନଙ୍କଠାରୁ ଆମକୁ ବହୁତ କିଛି ଶିଖିବାର ଅଛି। କିନ୍ତୁ ଆମ ଦେଶ ବା ରାଜ୍ୟର କଥା ବିଚିତ୍ର । ଏଠାରେ ଦରମା ପାଇଁ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ସେମାନଙ୍କୁ ରାଜରାସ୍ତାକୁ ଯିବାକୁ ପଡେ। ଲାଠିମାଡ ଖାଇବାକୁ ହୁଏ। ଏପରିକି ଅଦାଲତକୁ ଯିବାକୁ ହୁଏ। ଏବେବି ସେମାନଙ୍କର ସମସ୍ୟାର ସମାଧାନ ହୋଇପାରେ ନାହିଁ। ବିଚରା ଶିକ୍ଷକ ବୋଲି ସିନା! ସେ ପ୍ରତିବାଦ କରିପାରେନାହିଁ ।

**ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨**

# ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମନରେଗା ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ଅଭିଯୋଗ





କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ମନରେଗା)ର ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମର ଶ୍ମଶାନ ପାଖଦେଇ ୫ନମ୍ବର(କ) ଜାତୀୟ ରାଜପଥକୁ ଥିବା ରାସ୍ତାକୁ ସ୍ଥାନୀୟ ସରପଞ୍ଚ ଗତ ମଇମାସ ୨୪ତାରିଖ ବିଳମ୍ବିତ ରାତିରେ ଜେସିବି ଲଗାଇ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସେହି ରାସ୍ତାଟି ପୂର୍ବ ସରପଞ୍ଚଙ୍କ ବେଳେ ମନରେଗା ଯୋଜନାରେ କରାଯାଇ ବିଲ ପେମେଣ୍ଟ ହୋଇଥିବା ବେଳେ ପୁନର୍ବାର ପଞ୍ଚାୟତର ଆକ୍ସନ ପ୍ଲାନରେ ନଥାଇ ସେହି ପ୍ରକଳ୍ପଟିକୁ ନାମକୁ ମାତ୍ର ଉପରୁ ମାଟି ତାଞ୍ଛିଦେଇ ବିଲ କରିନେବାକୁ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତର ମରଡପୁର ଗ୍ରାମ ତ୍ରିନାଥ ମନ୍ଦିର ନିକଟରେ ଥିବା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ମଧ ଗତ ମଇମାସ ୨୮ତାରିଖ ରାତିରେ ଜେସିବି ମେସିନ ସାହାଯ୍ୟରେ କରାଯାଇଥିବା ଅଭିଯୋଗ ହୋଇଛି। ସେହି ସମୟରେ ମରଡପୁର ଗ୍ରାମର କେତେକ ଜବକାର୍ଡଧାରୀ ପ୍ରକଳ୍ପ କାର୍ଯ୍ୟ ମେସିନରେ ହେଉଥିବା ସମୟର ଭିଡିଓ ରେକର୍ଡିଂ କରିଥିବା ବେଳେ ସେହି ପ୍ରକଳ୍ପ କାର୍ଯ୍ୟରେ ସଂପୃକ୍ତ ସରପଞ୍ଚଙ୍କ କେତେକ ସମର୍ଥକ ଅଭିଯୋଗକାରୀଙ୍କୁ ଧମକଚମକ ଦେଥିଲେ। ଫଳରେ ଏସମ୍ପର୍କରେ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ବେଆଇନ କାର୍ଯ୍ୟକୁ ବନ୍ଦ କରିଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ପ୍ରତ୍ୟେକ ଆର୍ଥିକ ବର୍ଷରେ ପଞ୍ଜିକୃତ ଜବକାର୍ଡଧାରୀ ଶ୍ରମିକମାନଙ୍କୁ ଅନ୍ୟୁନ୍ୟ ଏକଶହ ଦିନର କାମ ଯୋଗାଇ ଦିଆଯିବା କଥା। କିନ୍ତୁ ପଞ୍ଚାୟତ ପକ୍ଷରୁ ଜବକାର୍ଡଧାରୀମାନଙ୍କୁ ମନରେଗା ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କରାନଯାଇ ମେସିନରେ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକାରୀମାନଙ୍କୁ ସ୍ଥାନୀୟ ସରପଞ୍ଚ ଧମକ ଦେଇ କହିଛନ୍ତି ଯେ ତାଙ୍କର ଜିଲ୍ଲା କାର୍ଯ୍ୟାଳୟରେ ସମ୍ପର୍କ ଅଛି ତାଙ୍କର କେହି କିଛି କରିପାରିବେ ନାହିଁ। ଏହି ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜବକାର୍ଡଧାରୀଙ୍କ ପକ୍ଷରୁ ଗୋଲେଖ ସେଠୀ, ଶ୍ରୀଧର ସେଠୀ, ଭଜହରି ସେଠୀ, ବନମାଳୀ ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ଅଭିଯୋଗକାରୀମାନେ କେନ୍ଦ୍ରାପଡା ବିଡିଓ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଦୁର୍ନୀତୀ ନିବାରଣ ବିଭାଗକୁ ଏହି ଅଭିଯୋଗର ନକଲ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

# ବାଲେଶ୍ୱର ଶିକ୍ଷକ ମଞ୍ଚର ବୈଠକ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ, ଏଲିମେଣ୍ଟାରୀ ଜିଲ୍ଲା ପରିଷଦ ଏକ୍ସ କ୍ୟାଡର, ପୂର୍ଣ୍ଣ ଅନୁଦାନପ୍ରାପ୍ତ ପିଟିଆଇ ଓ ଶିକ୍ଷା ସହାୟକମାନଙ୍କୁ ନେଇ ଏକ ସଂଗଠନ ମିଳିତ ଶିକ୍ଷକ ମଞ୍ଚ ଗଠିତ ହୋଇଥିବା ବେଳେ ଏହି ସଂଗଠନ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ସୁତାର ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ମିହିର କୁମାର ପ୍ରଧାନଙ୍କୁ ଭେଟି ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସମସ୍ୟା ଓ ଏମ୍.ଏ.ସି.ପି ପ୍ରଦାନ କରିବା, ପି.ଟି.ଆଇ ଏକ୍ସକ୍ୟାଡର ମାନଙ୍କୁ ନିୟମିତ ଦରମା ପ୍ରଦାନ କରିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ମିଳିତ ମଞ୍ଚର ସଭାପତି ବିଷ୍ଣୁଚରଣ ମଲ୍ଲିକ, ସାଧାରଣ ସଂପାଦକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ରାଧାକୃଷ୍ଣ ମନ୍ତ୍ରୀ, ଉପଦେଷ୍ଟା ନିରଞ୍ଜନ ରାଉତ, ଶୁଶିଲ କୁମାର ପ୍ରମାଣିକ, ସଂଗଠନ ସଂପାଦକ ନେପାଳ ଗଣ୍ଡ, ମରୁତ କୁମାର ରାଉତ, ଗୌର ଗୋପାଳ ଦେ, ପୂର୍ଣ୍ଣଚନ୍ଦ୍ର ଦାସ ଓ କରୁଣାକର ଗିରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜୀ-ସାର୍ଥକର ରଜ କୁଇନ୍ ଗାଲା ରାଉଣ୍ଡ ଜୁନ୍ ୧୧ରୁ




ଖୋର୍ଦ୍ଧା (ପିଏନ୍)- ଜୀ-ସାର୍ଥକର ରଜ କୁଇନ୍ ଏବେ ଶେଷ ପର୍ଯ୍ୟାୟରେ ପହଁଚି ସାରିଛି। ରଜ କୁଇନ୍ ଗାଲା ରାଉଣ୍ଡ ଆସନ୍ତା ଜୁନ୍ ୧୧ ରାତି ୯.୩୦ରେ ପ୍ରତି ଶନିବାର ଓ ରବିବାର ପ୍ରସାରିତ ହେବ। ରଜ କୁଇନ୍ ଅଡ଼ିସନ୍ ରାଉଣ୍ଡରେ ଓଡ଼ିଶାର ବିଭିନ୍ନ ସହରରୁ ବଛା ଯାଇଥିବା ପ୍ରତିଯୋଗୀ ଗାଲା ରାଉଣ୍ଡକୁ ଆସିଛନ୍ତି। ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ରଜ କୁଇନରେ ଜୀ-ସାର୍ଥକ ଖୋଜିଥିବା ଓଡ଼ିଶାର ପୁର ପଲ୍ଲୀରେ ଲୁଚି ରହିଥିବା ପ୍ରତିଭା ମାନଙ୍କୁ। ସବୁବେଳେ ଓଡ଼ିଶାର ଲୁକାଇତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଜୀ-ସାର୍ଥକ ବିଭିନ୍ନ ସୋ ମାଧ୍ୟମରେ ପ୍ରୟାସ କରି ଦର୍ଶକମାନଙ୍କ ଦ୍ୱାରା ଭୂୟସି ପ୍ରଶଂସା ପାଇଛି। ଏହି ଗାଲା ରାଉଣ୍ଡରୁ ବଛା ହେବେ ରଜ କୁଇନ୍ ୨୦୨୨। ପ୍ରଥମେ ଅଡ଼ିସନ୍ ବିଭିନ୍ନ ସହରରେ ହେବା ପରେ ବଛା ଯାଇଥିଲେ ଶ୍ରେଷ୍ଠ ପ୍ରତିଯୋଗୀ। ଅଡ଼ିସନ ରାଉଣ୍ଡରେ ବିଭିନ୍ନ ପ୍ରତିଭା ଦେଖାଇ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଲା ପରେ ପର୍ଯ୍ୟାୟ କ୍ରମେ ପ୍ରତିଯୋଗୀମାନେ ଗାଲା ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଥର ଗାଲା ରାଉଣ୍ଡକୁ ଉନ୍ନିତ ହେଇଛନ୍ତି ୧୨ଜଣ ସିନିଅର ଓ ୧୨ଜଣ ଜୁନିଅର ପ୍ରତିଯୋଗୀ। ଏହି ରାଉଣ୍ଡରେ ହିଁ ଶ୍ରେଷ୍ଠ ପ୍ରଦର୍ଶନ କରି ସେମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ପିନ୍ଧିବେ ଏ ବର୍ଷର ରଜ କୁଇନ୍ ମୁକୁଟ। ରଜ କୁଇନ ୨୦୨୨ ଉତ୍ସବ ୧୦ ବର୍ଷର ରଜ କୁଇନ ଅଡ଼ିସନ୍ ରାଉଣ୍ଡରେ ପ୍ରତିଯୋଗୀଙ୍କ ପ୍ରତିଭା ବ୍ୟକ୍ତିତ୍ୱ ଦୂର ଦୃଷ୍ଟି ଓ ସ୍ମାର୍ଟନେସ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଗାଲା ରାଉଣ୍ଡକୁ ବଛାଯାଇଛି। ଗାଲା ରାଉଣ୍ଡରେ ଅଭିନେତ୍ରୀ ତମନ୍ନା, ଦିବ୍ୟା, ସୂର୍ଯ୍ୟମୟୀ, ଅଭିନେତା ଶ୍ରୀତମ ଦାଶ, ରାକେଶ, ରିଶି ଓ ହରିହର ପ୍ରମୁଖ ଲୋକ ପ୍ରିୟ କଳାକାରମାନେ ବିଚାରକ ଭାବରେ କାର୍ଯ୍ୟ କରୁଛନ୍ତି।

# ଦୁର୍ଘଟଣାରେ ଆହତ ସମିତିସଭ୍ୟାଙ୍କ ମୃତ୍ୟୁ



ଧର୍ମଶାଳା (ପିଏନ୍): ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତର ସମିତିସଭ୍ୟା ନିରୁପମା ବାରିକ(୪୬)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସେ ବିଜେଡି ସମର୍ଥନରେ ସମିତିସଭ୍ୟା ଭାବେ ବିଜୟୀ ହୋଇଥିଲେ। ସ୍ୱର୍ଗୀୟା ବାରିକ ଜଣେ ସଂଗଠକ ଓ ମେଳାପୀ ମହିଳା ଥିଲେ। ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ବ୍ଲକ ଛାତ୍ର ବିଜେଡ଼ି ସଭାପତି ଜଗଦାନନ୍ଦ ରାଉତ, ବିଜେଡ଼ି ନେତା ନିରନ ରାଉତ, ନିର୍ମଳ ପ୍ରଧାନ, ନିର୍ମଳ ଦାସ, ବିକ୍ରମ ବିଶ୍ୱାଳ, ଫକୀର ମିଶ୍ର, ଅରୂପାନନ୍ଦ ଜେନା, ଜୀବନ ପରିଡ଼ା, ପ୍ରଶା' ରାଉତ, ଶରତ ଦାସ, ବିଶ୍ୱବନ୍ଦନା ଜେନାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତବାସୀ ତାଙ୍କ ଶେଷଦର୍ଶନ କରିଥିଲେ । ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ବିଜେଡ଼ି ସଭାପତି ଜଳଧର ମହାନ୍ତି, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ବିଜେପି ନେତା ସର୍ବେଶ୍ୱର ବେହୁରା ପ୍ରମୁଖ ବହୁ ବ୍ୟକ୍ତି ସ୍ୱର୍ଗୀୟା ବାରିକଙ୍କ ଅକାଳ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ମରଶରୀର କଟକରୁ ଆସି ଚଣ୍ଡିଖୋଲ ଛକରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁଅ ଅରୂପ ମୁଖାଗ୍ନି ଦେଇଥିଲେ। ସ୍ୱାମୀ ଅଜୟ ବାରିକ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସରେ ମାଇଁ ଏନସିସି ଆଲୁମିନି ଆସୋସିଏସନର ଜନସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା (ପିଏନ୍): ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଞ୍ଜୀକୃତ ସଂସ୍ଥା ମାଇଁ ଏନସିସି ଆଲୁମିନି ଆସୋସିଏସନ ତରଫରୁ ସହରର ମୁଖ୍ୟ ପ୍ରବେଶ ପଥ ତିନିମୁହାଣୀଠାରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡା ହୋଇ ହାତରେ ଚାରା ଏବଂ ପ୍ଲାଗ କାର୍ଡ ଧରି ପରିବେଶ ସୁରକ୍ଷା କିପରି କରାଯିବ ଏବଂ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ଆମ ସମସ୍ତଙ୍କ ପାଇଁ ସେ ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ଏହା ସହିତ ୧୫୦ରୁ ଉର୍ଦ୍ଧ୍ୱ ବଉଳ ଏବଂ ଆମ୍ବଚାରା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହିତ ସମସ୍ତେ କିପରି ପରିବେଶକୁ ସୁରକ୍ଷା ପାଇଁ ଆଗେଇଆସିବା ସେ ବିଷୟରେ ଆଲୋକପାତ କରିଥିଲେ । ମାଇଁ ଏନସିସି ଆଲୁମିନି ଆସୋସିଏସନର ସମ୍ପାଦକ ଚିନ୍ମୟ ବିଶ୍ୱାଳ ବୃକ୍ଷରୋପଣ ସହିତ ତାର ରକ୍ଷଣାବେକ୍ଷଣ କିପରି କରାଯିବ ସେ ବିଷୟରେ ସମ୍ୟକ ଧାରଣା ମଧ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଶ୍ରୀକାନ୍ତ ପୋଥାଳ, ସାଜିଦ ଖାନ୍, ଅନୁପ କୁମାର ରାଉତ, ଦେବପ୍ରସନ୍ନ ସ୍ୱାଇଁ, ରେହାଜୁଦ୍ଦିନ ଅହମଦ, ଗୋପିନାଥ ସେଠୀ, ଜଗବନ୍ଧୁ ସାହୁ, ବିଭବ ମହାନ୍ତି, ରଶ୍ମିରଞ୍ଜନ ସାହୁ, ଗିରିଜା ଦାସ, ମାମୁନୀ ଥାଟୋଇ, ସୋମ୍ୟଶ୍ରୀ ଦାସ, ସସ୍ମିତା ରାୟ, ବନ୍ଦିତା ଦାସ, ବିଶ୍ୱମିତ୍ରା ସାହୁ, ଶୁଭଶ୍ରୀ ବେହେରା, ଦୀପ୍ତିମୟୀ ଦାସ, ଦେବସ୍ମିତା ଜେନା, ସୋନାଲି ପୃଷ୍ଟି, ରତିକାନ୍ତ ଏବଂ ଗୁରୁଚରଣ ପ୍ରମୁଖ ଯୋଗ ଦେଇଥିଲେ ।

# ମୋଦି ସରକାରଙ୍କ ୮ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ବୃକ୍ଷରୋପଣ ଓ ହିତାଧିକାରୀ କୃଷକ ସମାବେଶ



କେନ୍ଦ୍ରାପଡା (ପିଏନ୍): ମୋଦିଜୀଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରର ସଫଳତମ ୮ବର୍ଷ ପୂର୍ତ୍ତି ଉପଲକ୍ଷେ "ବିଶ୍ୱ ପରିବେଶ ଦିବସ" ଅବସରରେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ତରଫରୁ ସ୍ଥାନୀୟ ଗରାପୁର ହନୁମାନ ମନ୍ଦିର ପରିସରରେ "ବୃକ୍ଷ ରୋପଣ" ଓ "ହିତାଧିକାରୀ ସମାବେଶ" ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନାରେ ଆୟୋଜିତ ସଭାରେ କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସତ୍ୟବାଦୀ ଚଇନି, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବିଧାନସଭା ନେତା ସୁନାକର ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ବିକ୍ରମ ରାଉତରାୟ, କୃଷକ ମୋର୍ଚ୍ଚା ଉପସଭାପତି ରତ୍ନାକର ଦାସ, ଶ୍ରୀକାନ୍ତ ସେନାପତି, ସାଧାରଣ ସମ୍ପାଦକ ବିଚିତ୍ର ପ୍ରଧାନ, ମଣ୍ଡଳ ସଭାପତି ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ କୃଷି ଓ କୃଷକ ସମାଜ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶସ୍ୟର ସର୍ବନିମ୍ନ ସହାୟତା ମୂଲ୍ୟ ବୃଦ୍ଧି, କିଷାନ ସମ୍ମାନ ନିଧି, କୃଷକ ଓ ଶ୍ରମିକମାନଙ୍କୁ ପେନସନ୍, କୃଷି ବୀମା, କୃଷି ସିଞ୍ଚାଇ ଯୋଜନା, ଜନଧନ ଆକାଉଣ୍ଟ, ବିହନ ଓ ସାରର ସହଜ ଉପଲବ୍ଧତା, କୃଷି ଋଣ ଆଦି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦୃଷ୍ଟିକୁ କୃଷକର ପରିଶ୍ରମ ପାଇଁ ଦେଶ ଆଜି ଖାଦ୍ୟ ଶସ୍ୟରେ ବଳକା ଦେଶ ଓ କୃଷକର ଆୟ ଦ୍ୱିଗୁଣିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୂର୍ଯ୍ୟମଣୀ ବେହେରା, ଧୋଇ ମଲ୍ଲିକ, ଅଲେଖ ସାହୁ, ହୃଷୀକେଶ ନାୟକ, ତ୍ରୈଲୋକ୍ୟ ନାଥ ଆଚାର୍ଯ୍ୟ, ଶ୍ରୀଧର ସୂତାର, ରମେଶ ମଲ୍ଲିକ, ଗୋକୁଳ ଚନ୍ଦ୍ର ପ୍ରଧାନ, ଶତ୍ରୁଘ୍ନ ଓଝା, ନାରାୟଣ ଦାଶ, ଅର୍ଜୁନ ମଲ୍ଲିକ, ବିଜୟ କୁମାର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, କାଳନ୍ଦି ମଲ୍ଲିକ, ଉତ୍ସବ ମଲ୍ଲିକ ପ୍ରମୁଖ ୨୦ଜଣ ସଫଳ ଚାଷୀଙ୍କୁ ଉତ୍ତରୀୟ ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂମ୍ପାଦକ ବିକ୍ରମାଦିତ୍ୟ ସାହୁ, ଅମିତାଭ ସୁଆର, ମିଡିଆ ସେଲ ପ୍ରମୁଖ ନେହେରୁ ସାହୁ, ମହିଳା ମୋର୍ଚ୍ଚା ଲିଜାରାଣୀ ଦାଶ, ବନ୍ଦନା ରାଣୀ ରାଉତରାୟ, ଝିଲ୍ଲୀ ଦାସ, ସୁଚିସ୍ମିତା ବସନ୍ତିଆ, ଯୁବନେତା ଜ୍ଞାନ ରଞ୍ଜନ ପ୍ରଧାନ, ଶଶାଙ୍କ ଓଝା, ଅର୍ଜୁନ ମଲ୍ଲିକ, ବଳରାମ ବେହେରା, ହରେକୃଷ୍ଣ ରାୟ, ରବିନାରାୟଣ ସାହୁ, ଦାମୋଦର ସାହୁ, ରମେଶ ସାହୁ, ଗୋପିନାଥ ସାହୁ, ସଞ୍ଜୟ ପାତ୍ର, ନିକି ପାତ୍ର, ପିଣ୍ଟୁ ପାତ୍ର ପ୍ରମୁଖ ବୃକ୍ଷ ରୋପଣ ପରିଚାଳନା କରିଥିଲେ ।




# ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ

ପୁରୀ,(ପି.ଏନ):ସିଦ୍ଧମହାବୀର ରେଳ ଓଭର ବ୍ରିଜ ନିର୍ମାଣ ନେଇ ଆଜିଠାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ସମୟରେ ସେଠାରେ ଜାତୀୟ ରାଜପଥ ବିଭାଗର ଅଧିକାରୀ, ସେସୁ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।ଉଚ୍ଛେଦ କାର୍ଯ୍ୟରେ ଏକାଧିକ ଜେସିବି ମେସିନ୍ ବ୍ୟବହାର କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଦୁଇ ଜଣ ମାଜିଷ୍ଟ୍ରେଟ ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଓଭରବ୍ରିଜ ନିର୍ମାଣ ପାଇଁ ସିଦ୍ଧମହାବୀର, କୁମୁଟିପାଟଣା, ମାଟିଆପଡା ଓ ବାଲୁଖଣ୍ଡର ଚାରୋଟି ମୌଜାର ୧୬୧ ଜଣ ବିସ୍ଥାପିତ ହୋଇଛନ୍ତି । ସେମାନଙ୍କୁ ପ୍ରଶାସନ ନୂଆ ପ୍ୟାକେଜ୍ ଦେଇ ମନାଇବାରେ ସଫଳ ହେବା ପରେ ଦୋକାନ ଘର ଖାଲି କରିବା ସହ ଜମି ହସ୍ତାନ୍ତର କରିଥିଲେ । ଶହେ ବର୍ଗଫୁଟରୁ ଅଧିକ ଇଲାକାରେ ଦୋକାନ ଘର ଥିବା ଦୋକାନୀଙ୍କୁ ୨ଲକ୍ଷ ୨୫ ହଜାର ଓ କମ୍ ଇଲାକାରେ ଥିବା ଦୋକାନୀଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଦିଆଯିବ ବୋଲି ନିଷ୍ପତି ହୋଇଥିଲା ।ସେପଟେ ଚୁଡ଼ାନ୍ତ ନକ୍ସା ଅନୁଯାୟୀ ନିର୍ମାଣ ହେବ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ । ଏହି ରେଳ ଓଭରବ୍ରିଜର ଲମ୍ବ ୬୩ ଦଶମିକ ୮୪ ମିଟର ଥିବା ବେଳେ ଚଉଡ଼ା ରହିଛି ୨୪ ମିଟର । ଏଥିରେ ଦୁଇଟିକିଆ ଆପ୍ରୋଚ ରୋଡ, ଡ୍ରେନେଜ, ସର୍ଭିସ ରୋଡ଼ ଆଦି ରହିଛି । ଓଭରବ୍ରିଜ୍ ନିର୍ମାଣ ପାଇଁ ୨.୬୬ ଏକର ଜମିର ଆବଶ୍ୟକତା ରହିଥିବା ବେଳେ ରାସ୍ତାର ଲମ୍ବ ୯୦୦ ମିଟର ଓ ଦୁଇ ପାର୍ଶ୍ୱରେ ଆପ୍ରୋଚ ରୋଡ଼ ନିର୍ମାଣ ନିମନ୍ତେ ୮୦ ଫୁଟ ଚଉଡ଼ାର ଜମି ଅଧିଗ୍ରହଣ କରାଯାଇଥିବା ଜଣାପଡିଛି । ତେବେ ଏହି ଓଭରବ୍ରିଜ ନିର୍ମାଣ ହେଲେ ପୁରୀ ସିଦ୍ଧମହାବୀର ଅଂଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ । ଓଭରବ୍ରିଜ ନିର୍ମାଣ ନେଇ ବିଧାନସଭାରୁ ପାର୍ଲାମେଂଟ ଯାଏ ଉଦ୍ୟମ କରାଯାଇଥିଲା । ହେଲେ ବିସ୍ଥାପିତଙ୍କୁ ମନାଇବାରେ ବିଫଳ ହେବା ଯୋଗୁଁ ବିଳମ୍ବ ହୋଇଥିଲା ନିର୍ମାଣ କାର୍ଯ୍ୟ । ବିସ୍ଥାପିତ ମାନେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କ୍ଷତିପୂରଣ ଉପରେ ରାଜି ହେବା ପରେ ଓଭରବ୍ରିଜ ନିର୍ମାଣ ପାଇଁ ସବୁଜ ସଂକେତ ମିଳିଥିଲା । ଯାହାକୁ ନେଇ ସିଦ୍ଧମହାବୀର ଓଭରବ୍ରିଜ ନିର୍ମାଣ ପାଇଁ ଆଜିଠାରୁ ଆରମ୍ଭ ହୋଇଛି ଉଚ୍ଛେଦ ପ୍ରକ୍ରିୟା ।

# ଯୋଡ଼ାପୁଟ ଗ୍ରାମରେ ବର୍ଷ ବର୍ଷ ଧରି ଲାଗି ରହିଛି ପାନୀୟ ଜଳ ସଙ୍କଟ

ମାଲକାନଗିରି, (ପି.ଏନ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଉପାନ୍ତ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପଲୁର ପଚାଂୟତ ଯୋଡାପୁଟ ଗ୍ରାମର ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ପାନୀୟ ଜଳ ପରି ମୌଳିକ ସୁବିଧା ସୁଯୋଗରୁ ବଂଚିତ ଥିବାର ଦେଖିବାକୁ ମିଳିଛି । ଗ୍ରାମରେ ୩ଟି ନଳକୂପ ଥିଲେ ମଧ୍ୟ ଖରାଦିନେ ସେଥିରେ ପାଣି ବାହାରୁ ନାହିଁ । ସେଥିପାଇଁ ସେଠାରେ ସରକାର ଏକ ସୋଲାର ପଏଂଟ ୪ ବର୍ଷ ତଳେ ବସାଇଥିଲେ, ମାତ୍ର ତାହା ୨ ମାସ ଚାଲିବା ପରେ ଏ ପର୍ଯ୍ୟନ୍ତ ବନ୍ଦ ଅବସ୍ଥାରେ ପଡ଼ି ରହିଛି । ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ହେଲେ ସମସ୍ୟା ଯାହାକୁ ତାହା । ଏନେଇ ଗ୍ରାମବାସୀ ମାନେ ବ୍ୟକ୍ତିଗତ ଓ ଶ୍ରମଜୀବି ଓ ମହିଳା ଶ୍ରମଜୀବି ସଙ୍ଗଠନର ଆମ ପାଇଁ ପାଣି ଅଭିଯାନ ମାଧ୍ୟମରେ ବହୁବାର ପଚାଂୟତ ବ୍ଲକ ସ୍ତରରେ ଜଣାଇଥିଲେ ମଧ୍ୟ ତାହାର ସୁଫଳ ମିଳୁ ନଥିବା ଲୋକମାନେ ଅଭିଯୋଗ କରିଛନ୍ତି । ଗ୍ରାମରେ ପିଇବା ପାଣି ମୁନ୍ଦାଏ ପାଇଁ ବହୁତ ବାଟ ଚାଲି ଚାଲି ଯାଇ ଚୁଆରୁ ପାଣି ଆଣୁଥିବା ଗ୍ରାମର ଭୀମ ହନ୍ତାଳ, ପୂର୍ଣ୍ଣିମା ଖରା, ସମରା ଖିଲ, ବିଶୁ କିଣ୍ଡାଲ, ମଙ୍ଗଳା ହନ୍ତାଳ ପ୍ରମୁଖ ଗ୍ରାମବାସୀ ମାନେ କହିଛନ୍ତି । ଆଗାମୀ ଦିନରେ ଏହାର ତୁରନ୍ତ ସମାଧାନ ପାଇଁ ସେମାନେ ଦାବୀ କରିଛନ୍ତି ।

# ସରକାରଙ୍କ ପ୍ଲାଷ୍ଟିକ ଓ ପଲିଥିନ୍ ଉପରେ କଟକଣା, ପ୍ରହସନରେ ପରିଣତ

ସମ୍ବଲପୁର, (ପି.ଏନ): ରାଜ୍ୟ ସରକାର ପ୍ରଥମେ ୫ ଟି ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଥିଲେ । ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର, ବିକ୍ରି, ଆମଦାନୀ, ରପ୍ତାନୀ ଓ ବଂଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିଲା । ଏସଏମସି ଅଂଚଳରେ ପ୍ରଶାସନ ପକ୍ଷରୁ ପ୍ରଥମେ ପ୍ରଥମେ ଧରପଗଡ ପରେ ଏବେ ମହାନଗର ନିଗମ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଶିଥିଳ ପଡ଼ିଯାଇଥିବା ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ଶ୍ରମିକ ନେତା ପ୍ରଶାନ୍ତ ପାଢ଼ୀ ଅଭିଯୋଗ କରିଛନ୍ତି । ପଲିଥିନ୍ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ବର୍ତ୍ତମାନର ପରିବେଶ ପାଇଁ ମୁଖ୍ୟ ଚିନ୍ତାର କାରଣ ସାଜିଛି ବୋଲି ଶ୍ରୀ ପାଢ଼ୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ପ୍ରଶାସନର ଶୀଥିଳ କଟକଣାକୁ କେହି ମାନୁ ନଥିବା ଏକ ଦେହସୁହା ଘଟଣାରେ ପରିଣତ ହୋଇଛି । ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର କଟକଣା ସଂପ୍ରତି ପ୍ରହସନରେ ପରିଣତ ହୋଇଛି । ପନିପରିବା, ଫଳ, ରାସନ୍ , ଏପରିକି ଔଷଧ ଓ ଖାଦ୍ୟ ପଦାର୍ଥ ଦେଣନେଣ ଦିଗରେ ପଲିଥିନ୍ ବ୍ୟବହାର ଏକ ପ୍ରମୁଖ ମାଧ୍ୟମ ସାଜିଛି । ପଲିଥିନର ବ୍ୟବହାର ପରେ ତାକୁ ଏଣେତେଣେ ଫୋପାଡି ଦେବା ଫଳରେ ଆବର୍ଜନା ସୃଷ୍ଟି କରିବା ସହ ନାଳ ନର୍ଦ୍ଦମାରେ ପଡି ଆବର୍ଜନା ଜଳ ନିଷ୍କାସନ ହେବାରେ ଅନ୍ତରାୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି । ଅପରପକ୍ଷେ ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ପଡି ସହଜରେ ଜୈବ ବିଘଟନ ଘଟୁନଥିବା ଯୋଗୁଁ ଏକ ବିଷାକ୍ତ ପରିବେଶ ସୃଷ୍ଟି କରାଇ ଆସୁଛି । ଫଳରେ ମଣିଷ ପରିବେଶ ପ୍ରଦୂଷଣ ଭଳି ଚରମ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଶ୍ରୀ ପାଢ଼ୀ କହିଛନ୍ତି । ଦିନକୁ ଦିନ ପ୍ରଦୂଷଣ ବଢୁଥିଲେ ମଧ୍ୟ ଏହା ପ୍ରତି ପ୍ରଶାସନ କି କୌଣସି ଲୋକପ୍ରତିନିଧିଙ୍କ ଦୃଷ୍ଟି ନ ପଡ଼ିବା ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି । ରାସ୍ତା କଡ ଉଠା ଦୋକାନୀ, ସମସ୍ତ ହୋଟେଲ, ପାନ ଦୋକାନ, ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନରେ ଏହାର ବହୁଳ ବ୍ୟବହାର କରାଯାଉଛି । ସମ୍ବଲପୁର, ବୁର୍ଲା, ହୀରାକୁଦ ସହର ସାରା ଗଦା ଗଦା ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।ବୁର୍ଲା ସହରରେ ବହୁ ନାଳରେ ପ୍ଲାଷ୍ଟିକ, ପଲିଥିନ୍ ବର୍ଷ ବର୍ଷ ପଡ଼ିରହି ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି । କେତେକ ଡ୍ରେନ୍ ପୋତି ହୋଇଗଲାଣି । ପାଣି ନିଷ୍କାସନ ନ ହେବା ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଘର ଭିତରକୁ ପଶୁଛି । ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ହେଲେ କାମରେ କିଛି ଦେଖାଯାଉନାହିଁ । ବର୍ଷା ଦିନ ପୂର୍ବରୁ ନାଳରୁ ପଲିଥିନ୍, ପ୍ଲାଷ୍ଟିକ ବାହାର କରାଯିବା ସହିତ ପ୍ଲାଷ୍ଟିକ ପଲିଥିନ୍ ବ୍ୟବହାର କଟକଣାକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ପାଢ଼ୀ ଦାବି କରିଛନ୍ତି ।

# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକ☐, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କଦ୍ୱାରା ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ଼ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚରର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟକ୍ଷୱ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟକ୍ଷୱ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟକ୍ଷୱ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡ୍‌ଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗକୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ ( ଓ ଏ ସ ଏ ଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଅନୁଷ୍ଠିତ ସଂଘ ଶିକ୍ଷାବର୍ଗ ଦ୍ୱିତୀୟ ବର୍ଷ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଦୀର୍ଘ ୨୦ ଦିନ ଧରି ମେ ୧୫ ତାରିଖରୁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ଗତ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇଥିବା ଯୋଗ, ଆସନ, ସାମୁହିକ ସୂର୍ଯ୍ୟନମସ୍କାର, ଦଣ୍ଡ ଆଦି ବିଭିନ୍ନ କଳାକୌଶଳ, ପ୍ରଦର୍ଶନ କରିଥିଲେ । ଏହି ଉଦ୍‌ଯପାନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସ୍ନାତକୋତର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜକିଶୋର ସ୍ୱାଇଁ କହିଲେ ଯେ, ଆରଏସ୍‌ଏସ୍‌ର ଏହି କାର୍ଯ୍ୟକ୍ରମକୁ ଆସି ଏକ ଆନୁଷ୍ଠାନିକ ଶୃଙ୍ଖଳାର ନିଦର୍ଶନ ପାଇଲି । ବ୍ୟକ୍ତିଗତ ଜୀବନର ଶୃଙ୍ଖଳାକୁ ଆନୁଷ୍ଠାନିକ ଶୃଙ୍ଖଳାରେ ରୂପାନ୍ତରିତ କରିବା ଆରଏସ୍‌ଏସ୍‌ର ଏକ ନୀତିଗତ କାର୍ଯ୍ୟ । ଭାରତବର୍ଷରେ ବ୍ୟକ୍ତିଗତ ଶୃଙ୍ଖଳା ନୈରାଶ୍ୟ ଦର୍ଶନ ହୋଇଥିବାରୁ ଏହା ଆନୁଷ୍ଠାନିକ ଶୃଙ୍ଖଳାକୁ ପ୍ରଭାବିତ କରୁଛି । ଏକରେ ଆନୁଷ୍ଠାନିକ ଶୃଙ୍ଖଳା ବ୍ୟାହତ ହେଉଛି । କିନ୍ତୁ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଏକ ବ୍ୟତିକ୍ରମ । ଏଥିରେ ବ୍ୟକ୍ତିଗତ ଓ ସାମୁହିକ ଶୃଙ୍ଖଳା ଏକ ଓ ଅନନ୍ୟ । ମୁଁ ଅନୁଭବ କରୁଛି ଏହା ଏକ ମହନୀୟ କାର୍ଯ୍ୟ । ଶୃଙ୍ଖଳାର ଏହି ସମନ୍ନିତ ବିଭାଗକୁ ସବୁସ୍ତରରେ ଓ କ୍ଷେତ୍ରରେ ସହଯୋଗ କଲେ ଜୀବନ ଓ ରାଷ୍ଟ୍ରର ଆଭିମୁଖ୍ୟ ସମାନ୍ତରାଳ ନହୋଇ ସମନ୍ୱିତ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦାନ କରି କହିଲେ ଯେ, ପ୍ରତ୍ୟେକ ରାଷ୍ଟ୍ର ତାର ସ୍ୱାଭିମାନର ଆଧାରରେ ବଂଚି ରହିଛି । ସ୍ୱାଭିମାନବିହୀନ ରାଷ୍ଟ୍ରର କୌଣସି ଅସ୍ତିତ୍ୱ ନଥାଏ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜିକୁ ୯୭ ବର୍ଷ ଧରି ଭାରତୀୟ ସ୍ୱାଭିମାନର ଜାଗରଣର କାର୍ଯ୍ୟ କରିଆସୁଛି । କାରଣ ପ୍ରତ୍ୟେକ ରାଷ୍ଟ୍ର ତାର 'ସ୍ୱ'ର ଆଧାରରେ ପ୍ରତିଷ୍ଠିତ ହୋଇଥାଏ । ତେଣୁ ଭାରତବର୍ଷକୁ ବିଶ୍ୱଗୁରୁ ପଦବୀରେ ଅଧିଷ୍ଠିତ କରାଇବାକୁ ହେଲେ ଭାରତୀୟ 'ସ୍ୱ'ର ଆଧାରରେ ରାଷ୍ଟ୍ରର ପରମବୈଭବଶାଳୀ ସ୍ୱରୂପ ନିର୍ମାଣ କରିବାକୁ ହେବ । ତଦ୍ୱାରା ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ ହେବ । ଏଣୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକମାତ୍ର କାର୍ଯ୍ୟ ରାଷ୍ଟ୍ରୀୟ 'ସ୍ୱ'ର ଜାଗରଣ । ଏହି କାର୍ଯ୍ୟରେ ସମସ୍ତେ ସମ୍ମିଳିତ ହୋଇ ସକ୍ରିୟ ସହଯୋଗ ପ୍ରଦାନ କରିବାକୁ ଡ. ମହାପାତ୍ର ନିବେଦନ କରିଥିଲେ । ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହେଉଥିବା ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ଜୁନ ୧ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଥିଲେ । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ସ୍ୱୟଂସେବକ ମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଥିଲେ । ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ମଂଚାସୀନ ଥିବା ଶିକ୍ଷାବର୍ଗର ସର୍ବାଧିକାରୀ ମନୋରଂଜନ ସାହୁ ଅଧ୍ୟକ୍ଷତା କରିବା ସହ ବର୍ଗର ବିବରଣୀ ପାଠ କରିଥିଲେ । ବର୍ଗର କାର୍ଯ୍ୟବାହ ବେଲେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାସ୍ତ୍ରୀୟ ପରମ୍ପରା ଉଲଙ୍ଘନ କରି ରଥ ନିର୍ମାଣକୁ ବଳଦେବ ସେନାର ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): ଶାସ୍ତ୍ରୀୟ ପରମ୍ପରା, ଶିଳ୍ପଶାସ୍ତ୍ର ଓ ଧର୍ମାଚାର୍ଯ୍ୟମାନଙ୍କ ବିନା ଅନୁମତିରେ କେତେକ ସ୍ଥାନରେ ମନଇଚ୍ଛା ରଥ ନିର୍ମାଣ କରାଯାଉଥିବା ଘଟଣାକୁ କେନ୍ଦ୍ରାପଡା ବଳଦେବ ସେନା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏନେଇ ସେନାର କର୍ମକର୍ତ୍ତାମାନଙ୍କ ପକ୍ଷରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଏହାଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ କେଉଁଝରର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ନନ୍ଦିଘୋଷ ଦିଆଯାଇ ଏହାର ଉଚ୍ଚତାକୁ ୭୨ ଫୁଟ କରାଯାଇଛି । ଗିନିଚ ବୁକ ଅଫ ରେକର୍ଡରେ ନାମ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ଶାସ୍ତ୍ରୀୟ ପରମ୍ପରାକୁ ଉଲଙ୍ଘନ କରାଯାଇ ଏପରି କରାଯାଇଥିବା ସେନା ପକ୍ଷରୁ ଅଭିଯୋଗ କରାଯାଇଛି । ପୂର୍ବରୁ କେଉଁଝର ରାଜାଙ୍କ ସମୟରେ ରଥର ଉଚ୍ଚତା ୪୩ ଫୁଟ ଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ତାହାର ଉଚ୍ଚତାକୁ ୬୦ଫୁଟକୁ ବଢାଯାଇଥିଲା । ଯାହାକି ୨୦୧୬ ମସିହା ପର୍ଯ୍ୟନ୍ତ ସେହି ଉଚ୍ଚତା ରହିଥିଲା । ସର୍ବତ୍ର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ତାଳଧ୍ୱଜ ଥିବା ବେଳେ କେଉଁଝର ଶ୍ରୀବଳଦେବଜୀୟୁଙ୍କ ରଥର ନାମକୁ ନନ୍ଦିଘୋଷ କରାଯାଇ ଧାର୍ମିକ ବ୍ୟାପାରରେ ହସ୍ତକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ମନଇଚ୍ଛା ନାମକରଣ ଓ ରଥର ଉଚ୍ଚତା ବୃଦ୍ଧି ଘଟଣା ଜଗନ୍ନାଥ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପରମ୍ପରାର ବ୍ୟତିକ୍ରମ କରାଯାଉଥିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବଳଦେବ ସେନାର ଉପଦେଷ୍ଟା ନିରଞ୍ଜନ ମେକାପ, ସଭାପତି ପୁପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଅଭିଷେକ କର, ନିରଞ୍ଜନ ସ୍ୱାଇଁ, ଉମେଶ ବେହେରା, ରାକେଶ ବେହେରା, ଶାରଦା ପ୍ରସାଦ ରାଉତ ପ୍ରମୁଖ ଦାବି କରିଛନ୍ତି ।

## ବିଜେପି ନେତା ସଲିମ ଖାନ ୩ ଜିଲ୍ଲାର ପ୍ରଭାରୀ ନିଯୁକ୍ତ

କେନ୍ଦ୍ରାପଡା (ପିଏନ୍): ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଉପସଭାପତି ମହମ୍ମଦ ସଲିମ ଖାନଙ୍କୁ ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲି ୩ଟି ଜିଲ୍ଲାର ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି । ଶ୍ରୀ ଖାନଙ୍କୁ ଯାଜପୁର, ଜଗତସିଂପୁର ଓ କଟକ ସଦରର ପ୍ରଭାରୀ ଦାୟିତ୍ୱ ଅର୍ପଣ କରାଯାଇଛି । ଦଳ ପକ୍ଷରୁ ତାଙ୍କୁ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଇଛି ସେ ତାକୁ ନିଷ୍ଠାର ସହିତ ନିଭାଇ ଥିବା କହିଛନ୍ତି ସଲିମ । ଏହି ଗୁରୁ ଦାୟିତ୍ୱ ବହନ କରି ବିଜେପିକୁ ସୁଦୃଢ କରିବାପାଇଁ କାର୍ଯ୍ୟ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ଦେଖାଯାଇଛି।

# ଶାନ୍ତିର ମାର୍ଗ



ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଜୀବନ, ଅଶାନ୍ତ କର୍ମମୟ ଜୀବନ, ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ଗୋଟିଏ ଛୋଟିଆ ଆଲୋଚନା ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ହେଉ ବା ଅନ୍ୟ କୌଣସି ମାର୍ଗରେ ପଡ଼ିବ। କୋଇଲିର ମଧୁର ଗାନ ଦେଖି ବତକ ଖୁସି ହୋଇନପାରେ। ଭାସିଯିବା ଶେଷରେ ନିଜର ନିଜତ୍ୱ

ଶାନ୍ତି କାହିଁ ? ଅଶାନ୍ତ ମାନବ ସଂସାର ଜୀବନ ସହ ଅଶାନ୍ତ ବ୍ୟାକୁଳ। ଆସନ୍ତୁ ତା ଉପରେ ରଖିବା। ଯେଉଁମାନେ ଈର୍ଷା, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ କାଉକୁ ଭଲ ଲାଗି ନପାରେ ହଂସକୁ ଆମେ ଯଦି ଆମ ଖିଆଲ ଦ୍ୱାରା ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ଥିଲେ। ସେ ଜଣେ ଶକ୍ତିଶାଳୀ ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୁତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪, E-mail : deba1976biswal@gmail.com

# ପୂର୍ବତନ କର୍ମଚାରୀଙ୍କ ବନ୍ଧୁ ମିଳନ




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦରବ୍ଲକ ସାଉଁ ଗ୍ରାମସ୍ଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ କର୍ମଚାରୀ ଭାସ୍କର ଚନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୯୭୫ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ଗୁରୁଜୀଗୁରୁମା, କାର୍ଯ୍ୟାଳୟ ସହଯୋଗୀ, ଚତୁର୍ଥଶ୍ରେଣୀ କର୍ମଚାରୀ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥିମାନେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭା ଆରମ୍ଭରେ ପୂର୍ବତନ ଶିକ୍ଷକ ମଧୁସୁଦନ ନାୟକ ସଭାମଂଚଞ୍ଚ ଆହ୍ୱାନ କରିଥିବା ବେଳେ ଚିତ୍ତରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ଅରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ରକୁମାର ପରିଡ଼ାଙ୍କ ସମେତ ଅନ୍ୟ ଦିବଂଗତ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ପାତ୍ର, ଶଚିନ୍ଦ୍ର ମହାନ୍ତି, ମୁରଲୀଧର ସାହୁ, ଈଶ୍ୱର ଚନ୍ଦ୍ର ଖୁଣ୍ଟିଆ, ହେମବାଳା ଦାସ, ଚିନ୍ମୟୀ ପାତ୍ର, ଅଜୟ ଦାଶ, ରାଧାଶ୍ୟାମକୃଷ୍ଣ ସାହୁ, ଡମ୍ବରୁ ଧର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ସ୍ମୃତି ଚାରଣ କରିଥିଲେ। ବ[illegible]ମାନର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆରତକୁମାର ମନ୍ତ୍ରୀ ମଂଚ ପରିଚାଳନା କରିଥିଲେ। ଆଗାମୀ ଦିନରେ କିପରି ବିଦ୍ୟାଳୟଟି ପ୍ରାଦେଶିକ ସ୍ତରରେ ଆଦର୍ଶବିଦ୍ୟାଳୟ ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ଛାତ୍ର ମାନବାଧିକାର କର୍ମୀ ସୁଧାକର ସେଠୀ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ମିହୀରକୁମାର ପଣ୍ଡା, ପ୍ରଦୀପ ରଥ, ପୂର୍ବତନ ଛାତ୍ର ରାଜୀବକୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମହଲାଙ୍କ ସହଯୋଗରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଓ ବିଦ୍ୟାଳୟ ପରିସରରେ ଫଳ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା।

## ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ସାଂଗଠନିକ ସଭା

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ବଡ଼ଦୋଗଡ଼ା ନିକଟସ୍ଥ ବାବା ଅଭୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ପୁରୀ ଗୋବର୍ଦ୍ଧନ ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀ ଓ ଆନନ୍ଦବାହିନୀ ପୀଠ ପରିଷଦର ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାଂଗଠନିକ ସଭାରେ ମୁଖ୍ୟ ଅତିଥିଭାବରେ ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦଜୀ ଦାସମହାରାଜ, ପୁରୀ, ମୁଖ୍ୟବକ୍ତା ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ଅଧ୍ୟକ୍ଷ ସୁଧିର କୁମାର ପଣ୍ଡା, ଗୋବର୍ଦ୍ଧନ ପୀଠ ସେବା ସଚିବ ବରୁଣ କୁମାର ସାହୁ, ଭଦ୍ରକ ଶାଖା ସଭାପତି ସୂର୍ଯ୍ୟମଣୀ ଧଳ, ଯାଜପୁର ବଜରଂଗ ଦଳ ସଭାପତି ଅରବିନ୍ଦ ଦାସ, ଯାଜପୁର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡା, ଆଦିତ୍ୟା ବାହିନୀ ଯାଜପୁର ଶାଖର ଦୁର୍ଗା ମାଧବ ଦିକ୍ଷିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାର, ହିନ୍ଦୁ ଧର୍ମର ଅଖଣ୍ଡତା ଓ ଗୋହତ୍ୟା ବନ୍ଦ, ସମାଜ ସେବା, ସାରା ବିଶ୍ୱରେ ପୁ୍ୟପାଦ ଗୁରୁଜୀ ଯେଉଁ ଦିଗ୍‌ଦର୍ଶନ ସୃଷ୍ଟି କରିଛନ୍ତି ତାହା ସାଂଗଠନିକ ସ୍ତରରେ ଆଗେଇ ନେବା ଓ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖାର ସଭାପତି ପ୍ରଦୀପ କୁମାର ବେହୁରିଆ ଓ ଆଦିତ୍ୟ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ସଭ୍ୟ ରାମଚନ୍ଦ୍ର ବେହୁରିଆ, ଅଳକା ନାୟକଙ୍କ ସମେତ ଶାଖାର ନୂତନ କର୍ମକର୍ତ୍ତାଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଗୋ-ସୁରକ୍ଷା ଓ ଗୋ-ହତ୍ୟା ବନ୍ଦ ପାଇଁ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ସାହୁ, ଓଡ଼ିଶା ବିକଳାଙ୍ଗ ମଂଚର ସଭାପତି ଆଦିତ୍ୟ ପଣ୍ଡାଙ୍କୁ ମୁଖ୍ୟ ଅତିଥି ଗୌର ଶ୍ୟାମାନନ୍ଦଜୀ ମହାରାଜ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଞ୍ଚୋଳରେ ବିଶ୍ୱ ପରିବେଶ ଦିବସ ପାଳନ

ହାଟଡିହି (ପିଏନ୍): ହାଟଡିହି ବ୍ଲକରେ ଥିବା ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ଇଞ୍ଚୋଳସ୍ଥିତ ମାର୍ଥା ପୋଖରୀ ନିକଟସ୍ଥ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ଚାରା ରୋପଣ ସହ ପରିବେଶ ଓ ପୃଥିବୀର ସୁରକ୍ଷା ସମ୍ପର୍କିତ ଏକ ବିଶେଷ ଆସନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଞ୍ଚର ସଦସ୍ୟମାନେ ଲିମ୍ବ ବନରେ ଚାରା ରୋପଣ କରିବା ସହ ତା'ର ଦାୟିତ୍ୱ ନେଇ ଉତ୍ତାରିବାକୁ ଶପଥ କରିଥିଲେ । ଉମାକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ । ଅସ୍ୱାୟାର ଶିକ୍ଷା ସମୂହର ସଂଯୋଜକ ଦୁଷ୍ମନ୍ତ ସାହୁ ଅତିଥି ଭାବେ ଯୋଗ ଦେଇ ଆମ ଧରିତ୍ରୀ ମା'ର ସୁରକ୍ଷା ଓ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୀବନ ରାଉତ, ସାଇବ ପଣ୍ଡା, ସତ୍ୟବ୍ରତ ଜେନା, ଅମ୍ଲାନ ଜେନା, ଅଭୟ ଜେନା, ରାଜେନ୍ଦ୍ର ଜେନା, ରାଜ କିଶୋର ଜେନା, ଲିକୁ ଜେନା, ମିକୁ ଜେନା, ପ୍ରକାଶ ଜେନା, ବବୁଲ୍ ଜେନା, ଗୋଧନ ଜେନା ଓ ସୁରଜ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଚାଲିଛି ବାଲି ବ୍ୟବସାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ବାଲି ଜମାକରି ବ୍ୟବସାୟ ଚାଲିଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ରାସ୍ତାଟି ଅତ୍ୟନ୍ତ ଅଣ ଓସରିଆ ହୋଇଥିବା ବେଳେ ଖଡିଅଙ୍ଗ ଛକ ଠାରୁ ମୁଖ୍ୟ ଚିକିତ୍ସାଳୟ ରାସ୍ତାର ଉଭୟ ପାର୍ଶ୍ୱରେ କେତେକ ବ୍ୟକ୍ତି ସରକାରୀ ରାସ୍ତାକୁ ୫-୬ ଫୁଟ ମଡାଇ ଜବର ଦଖଲ କରିବା ସହିତ ଘରର ପାହାଚ ଓ ପାଚେରୀ ପ୍ରଭୃତି ନିର୍ମାଣ କରିଛନ୍ତି । ଫଳରେ ସେହି ରାସ୍ତାରେ ଦମକଳ, ଆମ୍ବୁଲାନ୍ସ, ସରକାରୀ ଯାନ ସମେତ ଭାରୀଯାନ ଗୁଡିକ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହେଉଥିବା ବେଳେ ବହୁ ସମୟରେ ଏହି ରାସ୍ତାରେ ଟ୍ରାଫିକ ଯାମ ରହୁଛି । ଏବେ ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ବଡ ବଡ ହାଇଓ୍ୱା ଗାଡିରେ ବାଲି ଜମାକରି ଟ୍ରାକ୍ଟର ସେହି ବାଲିକୁ ବିକ୍ରୀକରି କେତେକ ଲୋକ ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ରାସ୍ତା ଉପରେ ଟ୍ରାକ୍ଟର ଛିଡା ହୋଇ ରହୁଥିବାରୁ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡିଗୁଡିକରେ ରୋଗୀ ଯାତାୟାତ କରିପାରୁନାହାଁନ୍ତି । ରାସ୍ତା ଅବରୋଧ ଫଳରେ ବହୁ ସମୟରେ ସେହି ରାସ୍ତାରେ ରୋଗୀଙ୍କୁ ନେଉଥିବା ଗାଡି ଅପେକ୍ଷା କରି ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି । ଜିଲ୍ଲା ପ୍ରଶାସନ ଏହି ରାସ୍ତା ଅବରୋଧକୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରୋଗ୍ରାମ ଅଫିସର ସଂଯୁକ୍ତା ମିଶ୍ର, ମମତା ଯୋଜନାର ଜିଲ୍ଲା ସଂଯୋଜକ ମନୋରଞ୍ଜନ ଦାସ, ମିଶନଶକ୍ତିର ଜିଲ୍ଲା ପ୍ରକଳ୍ପ ପରିଚାଳକ କୈଳାସ ଚନ୍ଦ୍ର ସେନାପତି, ଅନିତା ବେହେରା, ଶୁଭେନ୍ଦୁ ଦାସ, ଅନିତା ସିଂହଙ୍କ ସମେତ ଜିଲ୍ଲାର ୯ଟି ବ୍ଲକର ସିଡିପିଓ ମାନେ ଉପସ୍ଥିତଥିଲେ । ବୈଠକରେ ମମତା, ମିଶନଶକ୍ତି, ପୋଷଣ, ବାଲ୍ୟ ବିବାହ, ଅଙ୍ଗନଓ୍ୱାଡି କେନ୍ଦ୍ର, ମହିଳା ସଶକ୍ତିକରଣ ପ୍ରଭୃତି ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ଖୋର୍ଦ୍ଧା ସ୍କୁଲ ଓ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ସମନ୍ୱୟ ସମିତିର ବୈଠକ




ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ସ୍କୁଲ ଓ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଏକ ଜରୁରୀ ବୈଠକ ଓଷ୍ଟା ଜିଲ୍ଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇ ସରକାରଙ୍କ ୭ମ ବେତନ ପ୍ରଦାନ ନିୟମକୁ ତୀବ୍ର ବିରୋଧ କରାଯାଇଅଛି ।୨୦୨୨ ମସିହା ଜାନୁୟାରୀ ୧୧ ତାରିଖରେ ଏ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଓ ୫ମାସ ପରେ ତଦନୁଯାୟୀ ଆର୍ଥିକ ପ୍ରଦାନ ନିମନ୍ତେ ପ୍ରକାଶିତ ବିଜ୍ଞପ୍ତି ତାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । ଏଭଳି ଏକ ଅଦ୍ଭୁତ ନିୟମ ୭ମ ବେତନ ପ୍ରଦାନ ନିୟମରେ ନାହିଁ । ରାଜ୍ୟରେ ୭ମ ବେତନ ପାଉଥିବା ସମସ୍ତ କର୍ମଚାରୀମାନଙ୍କ ପାଇଁ ଗୋଟିଏ ନିୟମ (ଓ.ଆର୍.ଏସ୍.ପି. ରୁଲ୍ - ୨୦୧୭) କାର୍ଯ୍ୟକାରୀ ହୋଇଥିଲା ବେଳେ ଏଭଳି ଅଲଗା ନିୟମ ଆସିଲା କେଉଁଠୁ ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ସରକାରଙ୍କ ସହିତ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମିଳିତ ମଞ୍ଚ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ସେଥିମଧ୍ୟରୁ ୬୨୫ସ୍କୁଲକୁ ବାଦ୍ ଦେବା ଓ ବେତନ ପ୍ରଦାନ ନିୟମକୁ ବଦଳାଇବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ଆସନ୍ତା ୯ ତାରିଖରେ ଭୁବନେଶ୍ବରଠାରେ ବିକ୍ଷୋଭ ସମାବେଶରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ କର୍ମଚାରୀମାନଙ୍କୁ ଯୋଗ ଦେବା ପାଇଁ ସଂଘ ତରଫରୁ ଆହ୍ୱାନ କରାଯାଇଛି । ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଉପେନ୍ଦ୍ର ଦାସ, ଓଷ୍ଟାର ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଂଜନ କୁମାର ଦାସ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, ସମ୍ପାଦକ ମଧୁସୂଦନ ଦେବ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶିଶିର କୁମାର ଦାସ, ପ୍ରଦୀପ କୁମାର ପ୍ରଧାନ, କଲେଜ ଶିକ୍ଷକ ସଂଘର ଗଦାଧର ଶତପଥି ଓ ପ୍ରଦୀପ କୁମାର ସାହୁ, ପ୍ରକାଶ କୁମାର ପଲେଇ, ସୁନୀଲ କୁମାର ପଣ୍ଡା,ସମେତ ଏକ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ବୈଠକରେ ଯୋଗଦାନ କରିଥିଲେ ।

## ଜମିବାଡି ବିବାଦକୁନେଇ ମାଡପିଟ ଘଟଣାରେ ୨ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଶ୍ରୀବନ୍ତପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ୨ଟି ପରିବାର ମଧ୍ୟରେ ମାଡପିଟ ଓ ଗଣ୍ଡଗୋଳ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଶ୍ରୀବନ୍ତପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ୨ଟି ପରିବାର ମଧ୍ୟରେ ମାଡପିଟ ଓ ଗଣ୍ଡଗୋଳ ଘଟିଥିଲା । ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ୩୩୧/୨୨ ଓ ୩୩୨/୨୨ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ପୁଲିସ ଆଜି ଶ୍ରୀବନ୍ତପୁର ଗ୍ରାମର ଚିତରନ ସାମଲଙ୍କ ପୁଅ ସାନୁ ସାମଲ ଓ ଏହି ଗ୍ରାମର ଗୋଲକ ସାମଲଙ୍କ ପୁଅ ସନ୍ତୋଷ ସାମଲକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାକେଶ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଗୋବିନ୍ଦପୁର ଶିତଳଷଷ୍ଠୀ ମହୋତ୍ସବର ତୃତୀୟ ସଂନ୍ଧ୍ୟା




ଖୋର୍ଦ୍ଧା,ତ (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ପଂଚାୟତର ଗୋବିନ୍ଦପୁର ଗ୍ରାମର ଶିତଳ ଷଷ୍ଠୀ ମହୋତ୍ସବର ତୃତୀୟ ସନ୍ଧ୍ୟା ପାଇକ ଆଖଡା ମନୋରଞ୍ଜନର ଖୋରାକ ଯୋଗାଇଥିଲା । ଏ ନେଇ ସଭାପତି ସରୋଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ରାଜ୍ୟପାଳ ସ୍ବର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିରେ ସମାଜସେବୀ ଅକ୍ଷୟ ପଟ୍ଟନାୟକ ମୁଖ୍ୟବକ୍ତା,ଡାଇରେକ୍ଟର ୟୁନିଭର୍ସାଲ ସଞ୍ଜୟ ଶାସମଲ,ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ,ସମାଜସେବୀ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ (ସିଲୁ) ଓ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇ ମହୋତ୍ସବ ସମସ୍ତଙ୍କୁ ଏକଯୁଟ କରି ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସଂ ାଷ କୁମାର ମହାପାତ୍ର ଓ ଅଖିଳେଶ ମହାପାତ୍ର ସଂଯୋଜନା କରିଥିଲେ । ପରେ ମର୍ଣ୍ଣ୍ ଡ୍ୟାନ୍ସ ଓ ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ କଳାକାର ମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ ।

# ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବ୍ୟାଙ୍କିଙ୍ଗ ସଚେତନତା

ଫୁଲନଖରା,(ପି.ଏନ): ଭାରତୀୟ ପ୍ରତିଭୁତି ଓ ବିନିମୟ ବୋର୍ଡ଼ (ସେବି) ଓ ଅଭ୍ୟୁତ୍ଥାନ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବ୍ୟାଙ୍କ କାରବାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଟ୍ରଷ୍ଟ ନିର୍ଦ୍ଦେଶକ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ପୂର୍ବତନ ସିଜିଏମ ଦାଶରଥି ମିଶ୍ର ଅଧ୍ୟକ୍ଷତା କରିଥିଲେ । ଇଣ୍ଡିଆନ ବ୍ୟାଙ୍କ ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦଚନ୍ଦ୍ର ପାତ୍ର ଡିଜିଟାଲ ବ୍ୟାଙ୍କିଙ୍ଗ, ଆକାଉଣ୍ଟର ପ୍ରକାରଭେଦ ଓ ଖାତା ଖୋଲିବା ପଦ୍ଧତି ବିଷୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ସ୍ୱାମୀ ଆତ୍ମାନନ୍ଦ, ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ବରିଷ୍ଠ ପରିଚାଳକ ପ୍ରମୋଦକୁମାର ସ୍ୱାଇଁ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସରପ୍ରାପ୍ତ ଏଜିଏମ ବାବୁରାମ ପରିଡ଼ା ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ସୁରକ୍ଷିତ ବ୍ୟାଙ୍କିଙ୍ଗ କାରବାର ସଂକ୍ରା'ରେ ପିଲାମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟକ୍ଷା କେ.ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଖରୀ ଖନନ ବେଳେ ପ୍ରାଚୀନ ମୂର୍ତ୍ତି ଉଦ୍ଧାର

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅଚ୍ୟୁତପୁର ଗ୍ରାମରେ ପୋଖରୀ ଖନନ ବେଳେ ଏକ ପ୍ରାଚୀନ ମୂର୍ତ୍ତୀ ଉଦ୍ଧାର ହୋଇଛି । ଆଜି ପୁର୍ବାହ୍ନରେ ଅଚ୍ୟୁତପୁର ଗ୍ରମରେ ଥିବା ରମାକାନ୍ତ ରାଉତଙ୍କ ଏକ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଜେସିବି ମେସିନ ସାହାଯ୍ୟରେ ମାଟି ତଡା ହେଉଥିଲା । ଏହି ସମୟରେ ମେସିନରେ ଏକ ବଡ ପଥର ଲାଗିଥିଲା । ଏହି ଘଟଣା ଜଣାପଡିବା ପରେ ଗ୍ରାମବାସୀମାନେ ସେଠାରେ ପହଁଚି ପଥରଟିକୁ ଉଦ୍ଧାର କରି ଆଣିବା ପରେ ଏହା ନାରାୟଣଙ୍କ ମୂର୍ତ୍ତୀ ବୋଲି ଜଣାପଡିଥିଲା । ତେବେ ଏହାର ନିକଟବର୍ତ୍ତୀ ଅଂଚଳ ରାଧାନଗର, ବଡକାଏମା ଓ ଲାଙ୍ଗୁଡି ପାହାଡ ଆଦି ଅଂଚଳରୁ ବହୁ ପ୍ରାଚୀନ ବୌଦ୍ଧ ମୂର୍ତ୍ତୀ ଉଦ୍ଧାର କରାଯାଇ ଥିବା ବେଳେ ଏହି ମୂର୍ତ୍ତୀଟି ପ୍ରାଚୀନ କାଳର ହୋଇଥିବା ନେଇ ଅନୁମନ କରାଯାଉଛି । ଏହି ମୂର୍ତ୍ତୀର ଉଚ୍ଚତା ୪ ଫୁଟ ହୋଇଥିବା ବେଳେ ଏହା ଉପରେ ଗବେଷଣା କରାଗଲେ ମୂର୍ତ୍ତୀଟି କେଉଁ ଶତାବ୍ଦୀ ତାହା ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଏବେ ଏହି ମୂର୍ତ୍ତୀଟିକୁ ଗ୍ରାମ୍ୟ ମନ୍ଦିର ନିକଟରେ ରଖାଯାଇଥିବା ଜଣାଯାଇଛି ।

# ଜୀ-ସାର୍ଥକର ରଜ କୁଇନ୍ ଗାଲା ରାଉଣ୍ଡ ଜୁନ୍ ୧୧ରୁ




ଖୋର୍ଦ୍ଧା,(ପି.ଏନ): ଜୀ-ସାର୍ଥକର ରଜ କୁଇନ୍ ଏବେ ଶେଷ ପର୍ଯ୍ୟାୟରେ ପହଁଚି ସାରିଛି । ରଜ କୁଇନ୍ ଗାଲା ରାଉଣ୍ଡ ଆସନ୍ତା ଜୁନ୍ ୧୧ ରାତି ୯.୩୦ରେ ପ୍ରତି ଶନିବାର ଓ ରବିବାର ପ୍ରସାରିତ ହେବ । ରଜ କୁଇନ୍ ଅଡ଼ିସନ୍ ରାଉଣ୍ଡରେ ଓଡ଼ିଶାର ବିଭିନ୍ନ ସହରରୁ ବଛା ଯାଇଥିବା ପ୍ରତିଯୋଗୀ ଗାଲା ରାଉଣ୍ଡକୁ ଆସିଛନ୍ତି । ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି । ରଜ କୁଇନରେ ଜୀ-ସାର୍ଥକ ଖୋଜିଥିବା ଓଡ଼ିଶାର ପୁର ପଲ୍ଲୀରେ ଲୁଚି ରହିଥିବା ପ୍ରତିଭା ମାନଙ୍କୁ । ସବୁବେଳେ ଓଡ଼ିଶାର ଲୁକାଇତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଜୀ-ସାର୍ଥକ ବିଭିନ୍ନ ସୋ ମାଧ୍ୟମରେ ପ୍ରୟାସ କରି ଦର୍ଶକମାନଙ୍କ ଦ୍ୱାରା ଭୂୟସି ପ୍ରଶଂସା ପାଇଛି । ଏହି ଗାଲା ରାଉଣ୍ଡରୁ ବଛା ହେବେ ରଜ କୁଇନ୍ ୨୦୨୨ । ପ୍ରଥମେ ଅଡ଼ିସନ୍ ବିଭିନ୍ନ ସହରରେ ହେବା ପରେ ବଛା ଯାଇଥିଲେ ଶ୍ରେଷ୍ଠ ପ୍ରତିଯୋଗୀ । ଅଡ଼ିସନ ରାଉଣ୍ଡରେ ବିଭିନ୍ନ ପ୍ରତିଭା ଦେଖାଇ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଲା ପରେ ପର୍ଯ୍ୟାୟ କ୍ରମେ ପ୍ରତିଯୋଗୀମାନେ ଗାଲା ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏଥର ଗାଲା ରାଉଣ୍ଡକୁ ଉନ୍ନିତ ହେଇଛନ୍ତି ୧୨ଜଣ ସିନିଅର ଓ ୧୨ଜଣ ଜୁନିଅର ପ୍ରତିଯୋଗୀ । ଏହି ରାଉଣ୍ଡରେ ହିଁ ଶ୍ରେଷ୍ଠ ପ୍ରଦର୍ଶନ କରି ସେମାନଙ୍କ ମଧ୍ୟରୁ ଜଣେ ଲେଖାଏଁ ପିନ୍ଧିବେ ଏ ବର୍ଷର ରଜ କୁଇନ୍ ମୁକୁଟ । ରଜ କୁଇନ ୨୦୨୨ ଉତ୍ସବ ୧୦ ବର୍ଷର ରଜ କୁଇନ ଅଡ଼ିସନ୍ ରାଉଣ୍ଡରେ ପ୍ରତିଯୋଗୀଙ୍କ ପ୍ରତିଭା ବ୍ୟକ୍ତିତ୍ୱ ଦୂର ଦୃଷ୍ଟି ଓ ସ୍ମାର୍ଟନେସ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଗାଲା ରାଉଣ୍ଡକୁ ବଛାଯାଇଛି । ଗାଲା ରାଉଣ୍ଡରେ ଅଭିନେତ୍ରୀ ତମନ୍ନା, ଦିବ୍ୟା, ସୂର୍ଯ୍ୟମୟୀ, ଅଭିନେତା ଶ୍ରୀତମ ଦାଶ, ରାକେଶ, ରିଶି ଓ ହରିହର ପ୍ରମୁଖ ଲୋକ ପ୍ରିୟ କଳାକାରମାନେ ବିଚାରକ ଭାବରେ କାର୍ଯ୍ୟ କରୁଛନ୍ତି ।

# ଅଜଣା ଗାଡିଧକ୍କାରେ ବିଦ୍ୟୁତ କର୍ମଚାରିଙ୍କ ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଏକ ଅଜଣାଗାଡି ଧକ୍କାରେ ଜାରକା ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଭୁବନେଶ୍ୱର ନୟାପଲ୍ଲି ଅଂଚଳର ଦୁର୍ଗାପ୍ରସାଦ ରଥ (୨୫) । ସେ ଜାରକା ଉପଖଣ୍ଡ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀଙ୍କ ଶାଳକ ବୋଲି ଜଣାପଡିଛି । ସେ ଜାରକା ବିଦ୍ୟୁତ ଉପଖଣ୍ଡ ଅଧିନରେ କଷ୍ଟମର କେୟାର ଭାବେ କାର୍ଯ୍ୟ କରୁଥିଲେ । ସେ ନେଉଳପୁରସ୍ଥିତ ତାଙ୍କ ଭଡା ଘରୁ ଆଜି ଦିନ ୨ଟା ସମୟରେ ଏକ ବାଇକ ଯୋଗେ ଡିୟୁଟି କରିବା ପାଇଁ ଜାରକା ଆସୁଥିବା ବେଳେ ନେଉଳପୁର ଠାରେ ତାଙ୍କୁ ଏକ ଅଜଣା ଗାଡିଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ଜାରକା ବିଦ୍ୟୁତ ଉପଖଣ୍ଡ ଅଧିନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । ଏନେଇ ପୋଲିସ ୩୩୩/୨୨ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଶବକୁ ବ୍ୟବଛେଦ ଲାଗି ବଡଚଣା ଡାକ୍ତର ଖାନାକୁ ପଠାଇ ତଦନ୍ତ କରୁଛି । ସୂଚନା ଯୋଗ୍ୟ ଯେ ଗତ ୩ ମାସ ତଳେ ଜାରକା ଉପଖଣ୍ଡ ବିଦ୍ୟୁତ ସହକାରୀ ଯନ୍ତ୍ରୀଙ୍କ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

# ତରଜିଂଆ ପୋଖରୀ ପୁନରୁଦ୍ଧାର ଘୋଟାଲାର ଲୋକାୟୁକ୍ତଙ୍କ ତଦନ୍ତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ତରଜିଂଆ ପଂଚାୟତର ନୂଆ ପୋଖରୀ ପୁନରୁଦ୍ଧାର ଘଟଣାରେ ରାଜ୍ୟ ସରକାରଙ୍କ ୨ ଗୋଟି ବିଭାଗ ପକ୍ଷରୁ କାମ କରାଯାଇ ବିଲ ଉଠାଇ ନିଆଯାଇଥିବା ଘଟଣା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ଆଜି ଲୋକାୟୁକ୍ତଙ୍କ ତରଫରୁ ସରଜମିନ ତଦନ୍ତ କରାଯାଇଛି । ଆଜି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ଡାଇରେକ୍ଟର ସର୍ବେଶ୍ୱର ସିଂଙ୍କ ନେତୃତ୍ୱରେ ଏକ ତିନିଜଣିଆଟିମ ଆସି ତଦନ୍ତ କରିଛନ୍ତି । ପ୍ରଥମେ ଏହି ଟିମ ଧର୍ମଶାଳା ବ୍ଲକରେ ପହଁଚି କାଗଜପତ୍ର ତନଖି କରିବା ସହ ତରିଆ ଯାଇ ସେଠାରେ ପୁନରୁଦ୍ଧାର କରାଯାଇଥିବା ପୋଖରୀକୁ ଦେଖି ମାପଚୁପ କରିବା ସହ ତଦନ୍ତ କରିଥିଲେ ବା ତଦନ୍ତ କାର୍ଯ୍ୟରେ ବ୍ଲକ ପକ୍ଷରୁ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ କ୍ଷୁଦ୍ର ଜଳସେଚନ ପକ୍ଷରୁ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ୨୦୧୯/୨୦ ଆର୍ଥୀକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଖାପାଖି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର କରାଯାଇଥିଲା । ତେବେ ସମାନ ଆର୍ଥିକ ବର୍ଷରେ ଧର୍ମଶାଳା ବ୍ଲକ ପକ୍ଷରୁ ଏହି ପୋଖରୀରେ ୩ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇ ବିଲ ଉଠାଇ ନିଆଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଥିଲା । ତେବେ ଏକ ସମୟରେ ରାଜ୍ୟ ସରକାରଙ୍କ ୨ ଗୋଟି ବିଭାଗ କାମ କରି ଟଙ୍କା ଉଠାଇ ନେଇଥିବା ନେଇ ସନ୍ଦେହ ପ୍ରକାଶ ପାଇବାରୁ ସ୍ଥାନୀୟ ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଏହି ଘଟଣାର ତଦନ୍ତ କରିବାକୁ ଲୋକାୟୁକ୍ତଙ୍କ ନିକଟରେ ଅପିଲ କରିଥିଲେ । ଅଭିଯୋଗ ପରେ ଲୋକାୟୁକ୍ତଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାଯାଇଛି । ଲୋକାୟୁକ୍ତଙ୍କ ଏହି ତଦନ୍ତକୁ ନେଇ ବ୍ଲକ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray